ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.249 Bhubaneswar Thursday November 24 2022 ୨୫ତମ ବର୍ଷ ସଂଖ୍ୟା–୨୪୯ ଭୁବନେଶ୍ୱର ଗୁରୁବାର, ନଭେମ୍ବର ୨୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

ପଦ୍ମପୁର ଉପନିର୍ବାଚନ: ୧୬ ଜିଆରଏସଙ୍କୁ ବଦଳି କଲେ ଜିଲ୍ଲାପାଳ

ଭୁବନେଶ୍ୱର,୨୩।୧୧(ପି.ଏନ): ପଦ୍ମପୁର ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ନିର୍ବାଚନମଣ୍ଡଳୀର କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ତୁରନ୍ତ ବଦଳି କରିବା ନିମନ୍ତେ ବିଜେପିର ଦାବି ପରେ ୧୬ଜଣ ଜିଆରଏସଙ୍କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ବଦଳି କରାଯାଇଛି । ପଦ୍ମପୁର ନିର୍ବାଚନମଣ୍ଡଳୀରେ ଭୋଟର ଥିବା ସରକାରୀ କର୍ମଚାରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବା ନିମନ୍ତେ ବିଜେପି ପକ୍ଷରୁ ଗତ ୪ଦିନ ପୂର୍ବରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରାଯାଇଥିଲା । ସେହିପରି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନର ଅଭିଯୋଗ ବିଜେପି କରିବା ପରେ ଆଜି ମଧ୍ୟ ଜଣେ ପ୍ରିନ୍ସିପାଲ ଓ ୨ଜଣ ଅଧ୍ୟାପକଙ୍କୁ ନିଲମ୍ବନ କରାଯାଇଛି।ଆଜି ବରଗଡ ଜିଲ୍ଲା ପରିଷଦ କାର୍ଯ୍ୟାଳୟରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ପଦ୍ମପୁର ବ୍ଲକର ୬ଜଣ, ପାଇକମାଳ ବ୍ଲକର ୮ଜଣ ଓ ଝାରବନ୍ଧ ବ୍ଲକର ୨ଜଣ ଜିଆରଏସଙ୍କୁ ବଦଳି କରାଯାଇଛି । ଏହି ଜିଆରଏସମାନଙ୍କୁ ଗାଏସିଲେଟ, ଭଟଲି,ସୋହେଲା, ବରଗଡ, ବରପାଲି, ଅତାବିରା ଓ ଆମ୍ବାଭୋନା ବ୍ଲକର ବିଭିନ୍ନ ପଂଚାୟତକୁ ବଦଳି ହୋଇଛି।ବଦଳି ହୋଇଥିବା ଅଧିକାଂଶ ଜିଆରଏସଙ୍କ ଘର ପଦ୍ମପୁର ନିର୍ବାଚନମଣ୍ଡଳୀରେ ହୋଇଥିବାବେଳେ ସେମାନଙ୍କୁ ତୁରନ୍ତ ରିଲିଭ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ଜିଆରଏସମାନଙ୍କ ବଦଳି ହୋଇଛି ସେମାନେ ଝାରବନ୍ଧ ବ୍ଲକର ଜିଆରଏସ୍ ଲୋଚନ ନାଗ, ପଦ୍ମଲୋଚନ ସରାଫ, ପଦ୍ମପୁର ବ୍ଲକର ଜିଆରଏସ ରଜିନ୍ ସାହୁ, ଜିବର୍ଦ୍ଧନ ସାହୁ, ଶିବାନୀ ଭୋଇ, ବିବେକାନନ୍ଦ ପଟେଲ, ସୁଜିତ୍ ପଣ୍ଡା ଓ ଝୁମି ଭୋଇ ଏବଂ ପାଇକମାଳ ବ୍ଲକର ରିତୁପୂର୍ଣ୍ଣା ସିଂ ବରିହା,ଚୁନମାଟି ବାଗ, ସୁରେନ୍ଦ୍ର ସାହୁ, ବୃନ୍ଦାବନ ସାହୁ, ଛବରାମ ସୋନି, ନୁରେନ୍ଦ୍ର ମହାନ୍ତିଙ୍କ ବଦଳି ହୋଇଛି ।

ଚିଲିକାର ପୂର୍ବତନ ବିଧାୟକ ବ□ମାନର ବିଧାୟକଙ୍କ ବିରୋଧରେ ବିଷ ଓଗାଳିଲେ

ଖୋର୍ଦ୍ଧା, ୨୩।୧୧(ପି.ଏନ): ବୁଧବାର ଚିଲିକା ନିର୍ବାଚନୀ ମଣ୍ଡଳୀ ବିଜେଡି କାର୍ଯ୍ୟାଳୟରେ ଚିଲିକାର ପୂର୍ବତନ ବିଧାୟକ ବର୍ତମାନର ବିଧାୟକଙ୍କ ବିରୋଧରେ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି। ଯାହାକୁ ନେଇ ବର୍ତମାନ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ତେବେ ସାମ୍ବାଦିକ ସମ୍ମିଳନୀରେ ରଘୁନାଥ ସିଧା ପ୍ରଶାନ୍ତ ଜଗଦେବଙ୍କୁ ଏକ ଦୁର୍ନୀତି ଗ୍ରସ୍ତ ବିଧାୟକ ବୋଲି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଏପରିକି ବିଧାୟକ ପାଂଚ ପ୍ରତିଶତ ପିସି ନ ନେଲେ କୌଣସି କାମ କାହାରିକୁ ଦେଉ ନାହାଁନ୍ତି। ସେହିପରି ଗତ ଚାରି ବର୍ଷରେ ଚିଲିକା ପୁରା ଦୁର୍ନୀତିରେ ଉବୁଟୁବୁ ହେଉଛି। ବିଧାୟକ ଓ ସହଯୋଗୀମାନେ ଚିଲିକା ନିର୍ବାଚନ ମଣ୍ଡଳିକୁ ଲୁଟିବାରେ ଲାଗିପଡିଛନ୍ତି ବୋଲି ସେ କହିଛନ୍ତି।ଏପରିକି ଖୋର୍ଦ୍ଧା ଜିଲ୍ଲା ପରିଷଦର ନବନିର୍ବାଚିତ ଉପାଧ୍ୟକ୍ଷଙ୍କ ନାମ ନେଇଛନ୍ତି। ଉପାଧ୍ୟକ୍ଷ ତାଙ୍କର ପରିବାର ସଦସ୍ୟଙ୍କ ନାମରେ କୋଟି କୋଟି ଟଙ୍କାର କାମ ନେଇଛନ୍ତି। ସେହିପରି ଅନ୍ୟ ଜଣେ ସହଯୋଗୀ ମଧ୍ୟ କୋଟିକୋଟି ଟଙ୍କାର କାମ ନେଇଛନ୍ତି। ବିଧାୟକଙ୍କ ସହିତ ମିଳିମିଶି ଚିଲିକା ନିର୍ବାଚନ ମଣ୍ଡଳିକୁ ଲୁଟିବାରେ ଲାଗିଛନ୍ତି। ଚିଲିକା ନିର୍ବାଚନ ମଣ୍ଡଳୀରେ ହେଉଥିବା ଲୁଟ ଖବର ନବୀନ ନିବାସରେ ପହଁଚିଛି ବୋଲି ପୂର୍ବତନ ବିଧାୟକ କହିଛନ୍ତି। ତେବେ ପୂର୍ବତନ ବିଧାୟକ ସାମ୍ବାଦିକ ସମ୍ମିଳନୀରେ ମଧ୍ୟ ସୂଚାଇ ଦେଇଛନ୍ତି ଯେ, ଯଦି ନବୀନ ପଟ୍ଟନାୟକ ଏହି ଦୁର୍ନୀତିକୁ ନ ରୋକିବେ ତେବେ ତାହାର ପରିଣାମ ଭୟଙ୍କର ହେବ।ଏପରିକି ବିଜୁ ଜନତା ଦଳ ଏହାର ପରିଣାମ ଭୋଗିବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଚିଲିକାରେ ଜିତିବା କଷ୍ଟକର ହୋଇଯିବ ବୋଲି ସେ କହିଛନ୍ତି। ଏନେଇ ବିଜେଡି ଦଳ ଚିଲିକାର ଦୁର୍ନିତି ଉପରେ ସମୀକ୍ଷା କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ମଧ୍ୟ ସେ କହିଛନ୍ତି। ତେବେ ଏହାକୁ ନେଇ କେବଳ ଚିଲିକା ରାଜନୀତି ନୁହେଁ ରାଜ୍ୟ ରାଜନୀତିରେ ମଧ୍ୟ କମ୍ପନ ସୃଷ୍ଟି ହୋଇଛି। ହଠାତ ରଘୁନାଥଙ୍କ ଜୟ ବିଜେଡି କହି ସାମ୍ବାଦିକ ସମ୍ମିଳନୀ କରିବା ନେଇ ଅନେକ ସନ୍ଦେହ କରିଛନ୍ତି। ତେବେ ଉଭୟ ରଘୁ ସାହୁ ଏବଂ ପ୍ରଶାନ୍ତ ଜଗଦେବଙ୍କ ମଧ୍ୟରେ ବହୁ ଦିନ ଧରି ଛକାପନ୍‌ଝା ଚାଲିଛି।

ଆପ୍ ସରକାର ଭ୍ରଷ୍ଟାଚାରର ସବୁ ରେକର୍ଡ ଭାଙ୍ଗିଛି: ଧର୍ମେନ୍ଦ୍ର ପ୍ରଧାନ

ନୂଆ ଦିଲ୍ଲୀ/ଭୁବନେଶ୍ୱର, ୨୩।୧୧(ପି.ଏନ): ଦିଲ୍ଲୀରେ ଆମ ଆଦମି ପାର୍ଟି ଭ୍ରଷ୍ଟାଚାରର ସବୁ ରେକର୍ଡ ଭାଙ୍ଗିଛି । ଆପ୍ ସରକାର ପ୍ରାଧ୍ୟାପକ ମାନଙ୍କୁ ଦରମା ଦେଇପାରୁନାହାନ୍ତି । ଦିଲ୍ଲୀ ମହାନଗର ନିଗମ ନିର୍ବାଚନରେ ଲୋକମାନେ ଆପକୁ ଆଇନା ଦେଖାଇବେ ବୋଲି ବୁଧବାର ଦିଲ୍ଲୀ ମହାନଗର ନିଗମ ନିର୍ବାଚନ ପାଇଁ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଦୂଷଣ ମୁକାବିଲା ନକରିବା, ଅବକାରୀ ନୀତି, ପିଡବ୍ଲୁଡିରେ ଅବ୍ୟବସ୍ଥା, ସ୍କୁଲକୁ ଆସୁଥିବା ଅନୁଦାନ ଅର୍ଥକୁ ଅନ୍ୟ କାମରେ ଲଗାଇବା ତଥା ନିଜର କାର୍ଯ୍ୟକର୍ତାଙ୍କୁ ଠକିବାରେ ଆପ୍ ସରକାର ଧୂରନ୍ଧର । ଅନ୍ୟପଟେ ଏସସି, ଏସଟି, ଓବିସିଙ୍କ ବ୍ୟତିତ ଗରିବଙ୍କୁ ଏକ ସାମାଜିକ ବର୍ଗ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଚାକିରି ଏବଂ ଶିକ୍ଷାରେ ବଂଚିତ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି । କିନ୍ତୁ ଯେଉଁମାନେ ଲମ୍ବା ସମୟ ଧରି ଶାସନ କରିଛନ୍ତି ଏବଂ ଆଜି ଯେଉଁମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ସେମାନେ ବଞ୍ଚିତ ବର୍ଗଙ୍କ ସହ କେବଳ ଧୋକା କରିଛନ୍ତି।ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୦ ଲକ୍ଷ ସରକାରୀ ପଦବୀରେ ଯୁବବର୍ଗଙ୍କୁ ରୋଜଗାର ଦେବା ପାଇଁ ମୋଦି ସରକାର ମିଶନ ମୋଡରେ କାମ କରୁଛନ୍ତି । ସେହିପରି ଶିକ୍ଷକ ସମୁଦାୟ, ପ୍ରାଧ୍ୟାପକଙ୍କ ଆକାଂକ୍ଷାକୁ ପୂରଣ କରିବା ମୋଦି ସରକାରଙ୍କ ପ୍ରାଥମିକତା । ମୋଦି ସରକାର ସମସ୍ତଙ୍କୁ ନେଇ ସାଙ୍ଗରେ ଚାଲୁଥିବା ସରକାର । ଏହାବ୍ୟତିତ ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି ନୂଆ ବେଞ୍ଚମାର୍କ ସ୍ଥାପନ କରିବା ସହ ସମସ୍ତଙ୍କ ପାଇଁ ନୂଆ ସୁଯୋଗ ପ୍ରଦାନ କରୁଛି ।ଏକ ଶିକ୍ଷକ ସମୁଦାୟକୁ ସମ୍ବୋଧନ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଦିଲ୍ଲୀ ସରକାରଙ୍କ ଭ୍ରଷ୍ଟାଚାର ଏବଂ ଖରାପ ବ୍ୟବସ୍ଥାକୁ ସୁଧାରିବାରେ ଶିକ୍ଷକ ସମୁଦାୟକୁ ଦାୟିତ୍ୱ ନେବାକୁ ନେବ। ଏହାବ୍ୟତିତ ଦେଶକୁ ଆଗକୁ ନେବାର ଦାୟିତ୍ୱ ଆମ ସମସ୍ତଙ୍କର। କିନ୍ତୁ ଏଥିରେ ଶିକ୍ଷକ ମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଶିକ୍ଷକଙ୍କ ଆକାଂକ୍ଷାକୁ ପୂରଣ କରିବା ମୋଦି ସରକାରଙ୍କ ସବୁଠୁ ବଡ ଦାୟିତ୍ୱ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ପଦ୍ମପୁର ଉପନିର୍ବାଚନ: ଭୋଟର ନିରବ, ବିଜେଡିରେ ବଢୁଛି ଅବିଶ୍ୱାସ ଓ ଛକାପଞ୍ଝା

ଭୁବନେଶ୍ୱର/ପଦ୍ମପୁର, ୨୩।୧୧ (ପି.ଏନ): ସାଧାରଣ ନିର୍ବାଚନ ପୂର୍ବରୁ ପଦ୍ମପୁର ଉପନିର୍ବାଚନ ଜିତିବା ଉଭୟ ବିଜେଡି ଓ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ପାଲଟି ଥିବାବେଳେ ସାଧାରଣ ଭୋଟରଙ୍କ ନିରବତା ଏବେ ରାଜନୀତିକ ଦଳଗୁଡିକୁ ଆଶା-ଆଶଙ୍କା ଭିତରକୁ ଠେଲି ଦେଇଛି । ବିଶେଷକରି ଚାଷୀ ଆନ୍ଦୋଳନ ଓ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦାବି ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ତାଲିକା ସମାଧାନ ଦିଗରେ ଶାସକ ବିଜେଡି ଉଦ୍ୟମ କରିଥିଲେ ମଧ୍ୟ ଏହି ଆନ୍ଦୋଳନ ପୂର୍ବବତ୍ ଜାରି ରହିଥିବାରୁ ସାଧାରଣ ଭୋଟର କ'ଣ ନିଷ୍ପତ୍ତି ନେବେ ତାକୁ ନେଇ ବିଜେଡି ଆଶଙ୍କାରେ ରହିଛି । ଯଦିଓ ନିଜର ୧୫ଜଣ ମନ୍ତ୍ରୀ ଓ ୩୫ରୁ ଅଧିକ ବିଧାୟକଙ୍କ ସମେତ ଶତାଧିକ ବରିଷ୍ଠ ନେତାଙ୍କୁ ପ୍ରଚାର କାର୍ଯ୍ୟରେ ବିଜେଡି ନିୟୋଜିତ କରିଛି ଓ ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦୀର୍ଘ ୧୨ଦିନରୁ ଅଧିକ ସମୟ ଧରି ପଦ୍ମପୁରରେ ପଡି ପ୍ରତ୍ୟକ୍ଷ ଭାବେ ତଦାରଖ କରୁଛନ୍ତି । ତଥାପି ପ୍ରଣବପ୍ରକାଶଙ୍କ ନେତୃତ୍ୱରେ ଚାଲିଥିବା ନିର୍ବାଚନୀ ପରିଚାଳନାରେ ବିଧାୟକ ସୁଶାନ୍ତ ସିଂହଙ୍କ ମାତ୍ରାଧିକ ହସ୍ତକ୍ଷେପ, ଧାମନଗରରେ ପରାଜୟର ମୁଖ୍ୟ ସୂତ୍ରଧର ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସକ୍ରିୟତା ଓ ବିଶେଷକରି ଏହି ତିନି ନେତାଙ୍କ ମନମୁଖୀ ନିଷ୍ପତ୍ତି ଯୋଗୁ ଦଳୀୟ ନେତାମାନଙ୍କ ମଧ୍ୟରେ ବ?ୁଥିବା ଛକାପଞ୍ଝା ବିଜେଡିକୁ ବ୍ୟାକଫୁଟକୁ ନେଇଥିବା ଜଣାପଡିଛି।ସୂଚନା ଅନୁସାରେ, ପଦ୍ମପୁର ଉପନିର୍ବାଚନ ପାଇଁ ଏବେ ସବୁ ଦଳ ନିଜର ପ୍ରଚାର ଜୋରଦାର କରୁଥିବାବେଳେ ସାଧାରଣ ଭୋଟରଙ୍କ ନିରବତା ଉଭୟ ବିଜେଡି ଓ ବିଜେପି ପାଇଁ ଆଶଙ୍କା ବଢ଼ାଇଛି । ଏପଟେ ନିଜର ପକେଟ୍ ଭୋଟକୁ ନିଜ ପାଖରେ ରଖିବା କଂଗ୍ରେସ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ପାଲଟିଛି । ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମାହୋଲ ସୃଷ୍ଟି କରିବା ପାଇଁ ଚାଷୀ ଆନ୍ଦୋଳନ ଓ ପଦ୍ମପୁର ଜିଲ୍ଲା ମାନ୍ୟତା ଦାବିର ତାଲିକା ସମାଧାନ ବାଟ ଖୋଜିବା ସହ ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ଶାସକ ବିଜେଡି ପାଇଁ ବିଶେଷ ସହାୟକ ହୋଇପାରିନି । ଯଦିଓ ଚାଷୀଙ୍କ ଦାବି ମୁତାବକ ଇନପୁଟ୍ ସବସିଡି ଘୋଷଣା ଓ ଆଗୁଆ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଫସଲବୀମା କ୍ଷତିପୂରଣ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ସ୍ପଷ୍ଟ ନିର୍ଦ୍ଦେଶ ଦେଇସାରିଛନ୍ତି । ତଥାପି ଚାଷୀମାନେ ଏସବୁ ଘୋଷଣା, ପ୍ରତିଶ୍ରୁତି ଓ ନିର୍ଦ୍ଦେଶ କେବଳ କାଗଜକଲମରେ ସୀମିତ ରହିଥିବାରୁ ନିଜର ଆନ୍ଦୋଳନକୁ ଜାରି ରଖିଛନ୍ତି । ସେହିପରି ଜିଲ୍ଲା ମାନ୍ୟତା ଦାବିକୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାନିନେବା ସହ ୨୦୨୩ ଡିସେମ୍ବର ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଏହା ସତ୍ତ୍ୱେ ଜିଲ୍ଲା ଦାବି ଆନ୍ଦୋଳନ ଜାରି ରହିଛି, ଯାହାକି ଶାସକ ବିଜେଡିକୁ ବିଶେଷ ସହାୟକ ହୋଇପାରିନି । ତା'ଛଡା କୋଶଲ ରାଜ୍ୟ ଗଠନ ଦାବି ଆନ୍ଦୋଳନ ପଦ୍ମପୁରରେ ସକ୍ରିୟ ହେବା ବିଜେଡି ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି ।ଏବେ ଫସଲ କଟା,ଧାନ ଅମଳ ଓ ବିକ୍ରିରେ ବ୍ୟସ୍ତ ପଦ୍ମପୁରର ସିଂହଭାଗ ସାଧାରଣ ଭୋଟରଙ୍କ ନିରବତା ହିଁ ସବୁ ଦଳର ହୃତସ୍ପନ୍ଦନ ବ?ାଇ ଦେଇଛି।ଏପଟେ ଶାସକ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କୁ ନେଇ ଦଳ ଭିତରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି । ବିଶେଷକରି ଭଟଲୀ ବିଧାୟକ ସୁଶାନ୍ତ ସିଂ ଯୋଗୁ ଦଳ ଭିତରେ ଏହି ଛକାପଞ୍ଝା ବୃଦ୍ଧି ପାଉଥିବାବେଳେ ସୁଶାନ୍ତଙ୍କ ମାତ୍ରାଧିକ ହସ୍ତକ୍ଷେପ ଏବେ ସେଠାରେ ପ୍ରଚାର ଦାୟିତ୍ୱରେ ଥିବା ଏକ ବୃହତ୍ ଗୋଷ୍ଠୀକୁ ଅସନ୍ତୁଷ୍ଟ କରିଛି । ସେହିପରି ତାଙ୍କ ନିଜ ବିଂଝାର ସମାଜର ନେତୃମଣ୍ଡଳୀଙ୍କୁ ଭୁବନେଶ୍ୱର ଆଣି ନବୀନଙ୍କ ସହ ପ୍ରାୟୋଜିତ ଭେଟଘାଟ ପରେ ମଧ୍ୟ ଅନ୍ୟ ଜାତିରେ ବିବାହ କରିବା ଏବଂ ଉପକୂଳ ଓଡିଶାର ବୋହୂ ହେବା ଏବେ ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ବର୍ଷାଙ୍କ ସପକ୍ଷରେ ନିଜ ବିଂଝାର ସମାଜର ସବୁ ବର୍ଗର ଲୋକେ ଏକଜୁଟ ହୋଇପାରୁ ନଥିବାବେଳେ କୁଲତା ଓ ଶବର ସମାଜର ଭୋଟକୁ ହାତେଇବାରେ ବିଜେଡି ଏପର୍ଯ୍ୟନ୍ତ ସକ୍ଷମ ହୋଇନଥିବା ଜଣାପଡିଛି । ବିଶେଷକରି କୁଲତା ସମାଜର ନେତା ମହେନ୍ଦ୍ର ବଢ଼ାଇଙ୍କ ସମର୍ଥକମାନେ ଏବେ ବର୍ଷାଙ୍କ ପ୍ରାର୍ଥୀତ୍ୱକୁ ଭିତରେ ବିରୋଧ କରୁଥିବା ଚର୍ଚ୍ଚା ହେଉଛି।ସେହିପରି ନିର୍ବାଚନରେ ଟ୍ରମ୍ପକାର୍ଡ ଭାବେ 'ମହିଳା ଏସଏଚ୍‌ଜି'କୁ ଉପଯୋଗ କରୁଥିବା ବିଜେଡିକୁ ପଦ୍ମପୁରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମ୍ୟାନେଜ କରିବାରେ ବ୍ୟାପକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିଛି । ମନ୍ତ୍ରୀ ଚୁକୁନି ସାହୁ ଓ ପ୍ରଥମଥର ପାଇଁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ହୋଇଥିବା ବାସନ୍ତୀ ହେମ୍ବ୍ରମ ଏବଂ ସ୍ନେହାଙ୍ଗିନୀ ଛୁରିଆ ସେଠାରେ ଡେରା ପକାଇ ମିଶନ ଶକ୍ତି ଏସଏଚ୍‌ଜି ମହିଳା ଭୋଟରଙ୍କୁ ପ୍ରଭାବିତ କରିବାକୁ ପ୍ରୟାସ କରୁଥିଲେ ମଧ୍ୟ ତାହା କାମ ଦେଉନି । ବିଜେପି ନିଜର କ୍ୟାଡର କର୍ମୀଙ୍କୁ ପ୍ରତ୍ୟେକ ବୁଥରେ ନିୟୋଜିତ କରି ବିଜେଡିର ଏହି 'ଏସଏଚ୍‌ଜି' ମ୍ୟାନେଜ୍ ଉପରେ ତୀକ୍ଷ୍ଣ ନଜର ରଖିଥିବାରୁ ସରକାରୀ ପଦପଦବୀରେ ଥିବା କର୍ମଚାରୀମାନେ କାର୍ଯ୍ୟାନୁଷ୍ଠାନକୁ ଆଶଙ୍କା କରି ବିଜେଡିକୁ ସହଯୋଗ କରୁନଥିବା ଜଣାପଡିଛି।ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କୌଣସି ନିର୍ବାଚନରେ ଏତେ ଦିନ ଧରି ଗୋଟିଏ ସ୍ଥାନ(ପଦ୍ମପୁର)ରେ ଡେରା ପକାଇବା ପ୍ରଥମ ଘଟଣା । ଦଳରେ ବ?ୁଥିବା ଅସନ୍ତୋଷ ଓ ଛକାପଞ୍ଝାର ଆଭାସ ପ୍ରଣବପ୍ରକାଶଙ୍କୁ ଥିଲେ ମଧ୍ୟ ସେ ଓ ତାଙ୍କ କୋଟରୀ ଟିମ୍ ହିଁ ଅସନ୍ତୋଷର ମୂଳ କାରଣ ହୋଇଥିବାରୁ ସେ ନିରବ ରହୁଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି । ତା'ଛଡା ଧାମନଗର ଉପନିର୍ବାଚନ ଦାୟିତ୍ୱରେ ଥିବା ଦଳୀୟ ନେତାମାନଙ୍କୁ ପଦ୍ମପୁର ଉପନିର୍ବାଚନ ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ଦୂରେଇ ରଖାଯାଇଥିଲେ ମଧ୍ୟ ଧାମନଗର ପରାଜୟର ମୁଖ୍ୟ ନାୟକ ପ୍ରଣବ ବଳବନ୍ତରାୟ(ଜିତୁ)ଙ୍କୁ ସେଠାରେ ଗୁରୁଦାୟିତ୍ୱ ମିଳିଛି । ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଦୀର୍ଘ ୧୦ଦିନ ଧରି ସେଠାରେ ଡେରା ପକାଇ ନିଜର ହାକିମାତି ଦେଖାଉଥିବାବେଳେ ଶ୍ରୀ ବଳବନ୍ତରାୟଙ୍କ ଦ୍ୱାରା ସେଠାରେ ପ୍ରଚାର ଦାୟିତ୍ୱରେ ଥିବା ବରିଷ୍ଠ ନେତାମାନଙ୍କ ଉପରେ ବିଭିନ୍ନ କାର୍ଯ୍ୟ ପାଇଁ ଚାପ ପ୍ରୟୋଗକୁ ନେଇ ଅସନ୍ତୋଷ ବ?ିବାରେ ଲାଗିଛି । ବିଶେଷକରି ପ୍ରଣବ ଓରଫ ବବି, ଜିତୁ ଓ ସୁଶାନ୍ତଙ୍କ ମାତ୍ରାଧିକ ହାକିମାତି ଓ ହସ୍ତକ୍ଷେପ ଯୋଗୁ ବରିଷ୍ଠ ନେତାମାନେ ନିଜକୁ ଅଣନିଶ୍ୱାସୀ ମଣିବାରେ ଲାଗିଛନ୍ତି । ଉପରକୁ ଠିକଠାକ୍ ଦିଶୁଥିଲେ ମଧ୍ୟ ପଦ୍ମପୁରରେ ଦଳର ସ୍ଥିତି ଏବେ ଏହି ନେତାମାନଙ୍କର ହାକିମାତି ପାଇଁ ଧାମନଗରଠୁ ବି ଦୟନୀୟ ଅବସ୍ଥାରେ ଥିବା ଜଣାପଡିଛି । ଯଦିଓ ପଦ୍ମପୁର ଉପନିର୍ବାଚନର ଫଳାଫଳ ଆଗାମୀ ଦିନରେ ବିଜେଡି ସଂଗଠନର ଭବିଷ୍ୟତର ରୂପରେଖ ନିର୍ଦ୍ଧାରଣ କରିବ, ତଥାପି ଏହି ଅନଭିଜ୍ଞ ନେତାମାନଙ୍କୁ ହାକିମାତିର ସୁଯୋଗ ଦେଇ ବିଜେଡି ନେତୃତ୍ୱ ପରୋକ୍ଷରେ ଦଳ ପାଇଁ ବିପର୍ଯ୍ୟୟକୁ ଆମନ୍ତ୍ରଣ କରୁଥିବା ଚର୍ଚ୍ଚା।

ଜାମିନରେ ଆସିଥିବା ନେତା ଏବେ ବିଜେପିର ଷ୍ଟାର ପ୍ରଚାରକ: ବିଜେଡ଼ି

ଭୁବନେଶ୍ୱର,୨୩।୧୧(ପି.ଏନ): ଜାମିନରେ ଆସିଥିବା ଦୁଇ ବିଜେପି ନେତା ଏବେ ପଦ୍ମପୁର ଉପନିର୍ବାଚନରେ ଷ୍ଟାର ପ୍ରଚାରକ । ବିଜେପୁର ଉପନିର୍ବାଚନ ସମୟରେ ଏମାନେ ବିଜେଡି ବିଧାୟକ ସୁଶାନ୍ତ ସିଂହଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା କହିଛନ୍ତି ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ ।ବିଜେପି ନେତା ପ୍ରଦୀପ ପୁରୋହିତଙ୍କ ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଧାୟକ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବିଜେପୁର ଉପ-ନିର୍ବାଚନ ସମୟରେ ଦୁଇ ବିଜେପି ନେତା ବିଜେଡି ବିଧାୟକ ସୁଶାନ୍ତ ସିଂହଙ୍କ ଭାଇଙ୍କୁ କିଭଳି ମରଣାନ୍ତକ ଆକ୍ରମଣ କରିଥିଲେ ତାହା ସମସ୍ତଙ୍କୁ ଜଣା । ଏଭଳି ଜଘନ୍ୟ ଅପରାଧ ପାଇଁ ସେମାନେ ଜେଲ ଯାଇଥିଲେ । ଜାମିନରେ ଆସି ଏହି ଦୁଇ ବିଜେପି ନେତା ଏବେ ପଦ୍ମପୁର ଉପ-ନିର୍ବାଚନରେ ବିଜେପିର ଷ୍ଟାର ପ୍ରଚାରକ ସାଜିଛନ୍ତି । ଶୁଣିବାକୁ ମିଳୁଛି ଯେ ସେମାନେ ଏବେ ପଦ୍ମପୁର ଉପନିର୍ବାଚନ ସମୟରେ ବିଜେଡି ବିଧାୟକ ସୁଶାନ୍ତ ସିଂହଙ୍କ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି ଏବଂ ଏଥିପାଇଁ ସେମାନେ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଶ୍ରୀ ପୁରୋହିତ

ଟି ଟାଇମ୍

ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

ପୁରାଣ କାହାଣୀ

ରାମଙ୍କ ପିତୃସତ୍ୟ ପାଳନ

ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ।

ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହେଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ।

ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା

ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ

ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା

ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

ଶୀତ ଋତୁରେ ରୋଗ ବେଶୀ

ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ଝାଡ଼ଖଣ୍ଡର ଉତ୍କଳ ଆସୋସିଏସନ : ପ୍ରବାସରେ ସମ୍ପର୍କ ଓ ସାହିତ୍ୟର ପ୍ରାଣକେନ୍ଦ୍ର

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାକୁ ପାଖାପାଖି ଦୁଇ ବର୍ଷ ବାକିଥାଏ। ୧୯୩୪ ମସିହା ନଭେମ୍ବର ମାସ ୨୪ ତାରିଖରେ ଉତ୍କଳ ଆସୋସିଏସନ ନାମକ ଓଡ଼ିଆ ସଂସ୍ଥା ଜାମସେଦପୁର ସହରର ସାକ୍‌ଚି ଠାରେ ଅଭ୍ୟୁଦୟ ହେଲା। ସେତେବେଳେ କଳକାରଖାନାରେ କାମ କରି ଗୁଜୁରାଣ ମେଣ୍ଟାଉଥିବା ଓଡ଼ିଆ ବାପୁଡ଼ାମାନେ ସେମାନଙ୍କ ସ୍ୱଳ୍ପ ଅର୍ଜିତ ଚାନ୍ଦା, ସଂଘବଦ୍ଧ ଉଦଯୋଗ ବଳରେ ଏ ସଂସ୍ଥାକୁ ଓଡ଼ିଆ ମାନଙ୍କର ସାହିତ୍ୟ, ସଂସ୍କୃତି, ଭାଷାର ପେଣ୍ଠସ୍ଥଳୀ ଭାବରେ ବ୍ୟବହାର କରୁଥିଲେ। ସେତେବେଳକାର ଓଡ଼ିଆ ସଂଗଠକ ଗୋକୁଳାନନ୍ଦ ମହାନ୍ତି, ସିମାଦ୍ରି ଦାଶ, ଉଦୟ କର ମିଶ୍ର, ୟାକୁବ ଅଲ୍ଲୀ ଖାନ, ଜଗନ୍ନାଥ ମହାପାତ୍ର, ନିତ୍ୟାନନ୍ଦ ପାଢ଼ୀ, ଦିନକୃଷ୍ଣ ମହାନ୍ତି, ମୁକୁନ୍ଦ ପ୍ରଧାନ, ସୁରେନ୍ଦ୍ର ମହାନ୍ତି, ରାଧାମୋହନ ମିଶ୍ର, ମହେନ୍ଦ୍ର ନାଥ ମହାନ୍ତି, ନରେନ୍ଦ୍ର ନାଥ ମହାନ୍ତି, ଭାଗୀରଥି ଦାସ, ରମେଶ ଚନ୍ଦ୍ର ଭୂୟାଁ, ଅଶୋକ ମିଶ୍ର, ପତିତପାବନ ପଟ୍ଟନାୟକ, ଅନନ୍ତ ଚରଣ ଚୌଧୁରୀ, ଦୀଗମ୍ବର ଭୂୟାଁ, ସୁରେଶ ଚନ୍ଦ୍ର ମିଶ୍ର, ରଘୁନାଥ ମିଶ୍ର, ପାଣ୍ଡବ ନାୟକ, ବୈଦ୍ୟନାଥ ପଟ୍ଟନାୟକ, ଗୋଲକ ବିହାରୀ ମହାନ୍ତି

ଯାହାକି କେତେକ ଅଛି ତାହା ଓଡ଼ିଶା ସରକାରଙ୍କ ଅନୁଦାନରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ କାର୍ଯ୍ୟରତ। କେରା, ଫୁଲଝରୀ, ଚକ୍ରଧରପୁର, ଷଢ଼େଇକଳା, ଖରସୁଆଁ, ଖଇରପାଲ, ରାଜନଗର, ଚାଇଁବସା, ଜୟନ୍ତଗଡ଼, ବହଳାଗୋଡ଼ା, ନରସିଂହଗଡ଼, ପଞ୍ଚରୁଳିଆ, ଖମାର, ଶାସନ, ମୁସାବଣି, ଘାଟଶିଳା, ରାଖା, ହାତା, ହଳଦୀ ପୋଖରୀ ଆଦି ଅଞ୍ଚଳରେ ଥିବା ଓଡ଼ିଆ ବିଦ୍ୟାଳୟକୁ ଓଡ଼ିଶା ସରକାରଙ୍କ ଆର୍ଥିକ ସାହାଯ୍ୟ ଓ ବହିପତ୍ର ଯୋଗାଇବାର ସହଯୋଗ, ସାଂସ୍କୃତିକ ସଂଗଠନ ଓ ଓଡ଼ିଶୀ ନୃତ୍ୟ ଦଳକୁ ଏଠାକୁ ପଠାଇବା, ଓଡ଼ିଶାରୁ ଯାତ୍ରା ନାଟକ ଦଳକୁ ଆଣି ଏଠାରେ ମଞ୍ଚସ୍ଥ କରିବାର ବେସରକାରୀ ଉଦ୍ୟମ ମଧ୍ୟ ପ୍ରଶଂସନୀୟ।

ବିଭିନ୍ନ ସମୟରେ ଉତ୍କଳ ଆସୋସିଏସନ ଖେଳକୁଦର ଆୟୋଜନ, ଡ୍ରାମା, ନାଟକର

ପ୍ରତିଯୋଗୀତା, କବିତା ଆବୃତ୍ତି, ପ୍ରବନ୍ଧ ପ୍ରତିଯୋଗିତା, ଝୋଟିଚିତା ପ୍ରତିଯୋଗିତା, ଓଡ଼ିଆ ଘରର ପିଠାପଣା ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ଗୀତ ସଙ୍ଗୀତର ଆସରରେ ମୁଖରିତ ହେଉଥିଲା ଉତ୍କଳ ଆସୋସିଏସନର ମଧୁସୂଦନ ପ୍ରେକ୍ଷାଳୟ। ଗୋପବନ୍ଧୁ, ମଧୁବାବୁ, ଗଙ୍ଗାଧର, ଫକୀରମୋହନଙ୍କ ପରି ମହାପୁରୁଷଙ୍କ ଜୟନ୍ତୀ ମାନଙ୍କରେ ଏ ସଂସ୍ଥା ସବୁବେଳେ ଆଗଭର ହୋଇଛି। ଉତ୍କଳ ଆସୋସିଏସନ ପ୍ରାଙ୍ଗଣରେ ଜଗନ୍ନାଥଙ୍କ ମନ୍ଦିର ସେଠାରେ ପୂଜା ପାଆନ୍ତି ପ୍ରତି ଓଡ଼ିଆର ଆରାଧ୍ୟ ତଥା ମହାକାଳର କାବ୍ୟ ଓ କବି ଶ୍ରୀଜଗନ୍ନାଥ। ଏଠାକାର ରଥଯାତ୍ରାରେ ସହରର ଅଧିକାଂଶ ଓଡ଼ିଆ ରୁଣ୍ଡ ହୋଇ ସନାତନ ଧର୍ମର ମୂଳମନ୍ତ୍ର 'ବସୁଧୈବ କୁଟୁମ୍ବକମ୍' କଥନକୁ ଚରିତାର୍ଥ କରିଥାନ୍ତି। ଉତ୍କଳ ଆସୋସିଏସନ ଭିତରକୁ ପ୍ରବେଶ କଲେ ଆପଣଙ୍କୁ ଲାଗିବ ଆପଣ ଯେମିତି କୌଣସି ବକୁଳ ବନର ପରିବେଷ୍ଟନି ଭିତରେ ହଜିଯାଇଛନ୍ତି। ବଉଳ

ଫୁଲର ଭୁରୁଭୁରୁ ଗନ୍ଧରେ ଯେମିତି ମନମୁନ ଚୈତନ୍ୟ ପୁଲକିତ ହୋଇ ଉଠୁଛି। ପାର୍ବଣର ମହକରେ ଏଠାକାର ଓଡ଼ିଆ ବାପୁଡ଼ା ଦୁର୍ଗାଙ୍କୁ ଆରାଧନା କରିବାକୁ ଏଠାକାର ମଣ୍ଡପରେ ଶୋଭା ପାଉଥିବା ମା'ଙ୍କୁ ଆଶିଷ ମାଗିବାକୁ ସହରର କୋଣ ଅନୁକୋଣରୁ ଆକର୍ଷିତ ହୋଇ ଆସନ୍ତି। ଏଠାକାର ଅଷ୍ଟମୀ ଭୋଗ ହାଣ୍ଡି ଓ ନବମୀର ପ୍ରସାଦ ସେବନର ଆନନ୍ଦ ଯିଏ ପାଇଛି ସିଏ ଚିରକାଳ ତା'ର ସ୍ମୃତି ପଟଳରେ ଅହରହ ସାଇତି ରଖିଥିବ। ଦୀପାବଳୀ, ଗଣେଶ ପୂଜା, ପଣାସଂକ୍ରାନ୍ତି, ରଜ ଆଦି ପର୍ବପର୍ବାଣୀ ଏଠାରେ ମହାସମାରୋହର ସହିତ ପାଳନ କରାଯାଇଥାଏ। ଉତ୍କଳ ଆସୋସିଏସନର ମହିଳା ସମିତି ଦ୍ୱାରା ଆୟୋଜିତ ମୀନା ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭାରି ଚିତ୍ତାକର୍ଷକ ହୁଏ ବୋଲି ଦେଖଣାହାରି କୁହନ୍ତି। ଓଡ଼ିଶାରୁ ବିଭିନ୍ନ ସମୟରେ ଭିକାରୀ ବଳ, ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲକର, ସୁବାସ ଦାସ, ବାସୁଦେବ ରଥଙ୍କଠୁ ଆଜିର କୁମାର ବାପି, ଶୈଳଭାମା ଓ ଟି.ସୌରୀଙ୍କ ପରି ଗାୟକ ଏଠାକାର ଓଡ଼ିଆ ମାନଙ୍କୁ କୃତକୃତ୍ୟ କରି ଦେଇଛନ୍ତି। ମାଘ ମାସର ଅଗ୍ନି ଉତ୍ସବ ବା ଅହ୍ୟରାପୁତ କି ଚମତ୍କାର, ଯିଏ ନଦେଖିଚି ସିଏ ଅନୁଭବ କରିପାରିବ ନାହିଁ। ଏଠାକାର ଲାଇବ୍ରେରୀରେ ରହିଚି ଅନେକ ଉପାୟେଦ ପୁସ୍ତକ। ଏଠାରେ ସାରଳା ଦାସଙ୍କ ଠାରୁ ସୀତାକାନ୍ତ, ସଚ୍ଚିରାଉତରାୟଙ୍କୁଠୁ ସତ୍ୟପ୍ରିୟ ମହାଳିକଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଗର ପାଠକଙ୍କ ପାଇଁ ପାଠ୍ୟ ପୁସ୍ତକର ଭରପୁର ସମ୍ଭାର ମହଜୁତ୍ ହୋଇ ରହିଛି।

ଏବେ ଉତ୍କଳ ଆସୋସିଏସନ ଉତ୍କଳ ଇଂଲିଶ ମିଡ଼ିୟମ ସ୍କୁଲ, ଜଗନ୍ନାଥ ସ୍ପିରିଚୁଆଲ ସେଣ୍ଟର ପ୍ରାୟ ତିନି ଏକର ଜମିରେ କଦମା ଥାନା ଅନ୍ତର୍ଗତ ଖଡ଼ଖାଇ ନୂକୂଳ ମେରିନ ପ୍ରାଇମ ପ୍ରାଙ୍ଗଣ ଭିତରେ ପୁରୁଣା ଜଗନ୍ନାଥଙ୍କ ମନ୍ଦିର ସ୍ଥାନ ପରିବର୍ତ୍ତନ କରାଯାଇ ନୂଆ ଭାବରେ ସ୍ଥାପିତ କରାଯାଇଛି। ଓଡ଼ିଶାର ବାତ୍ୟା, ବହି, କରୋନା ସମୟରେ ଦୁଃସ୍ଥ ଜନକୁ ସାହାଯ୍ୟ, ରକ୍ତଦାନ ବା ରୋଗୀଙ୍କୁ ରକ୍ତ, ନଦୀ ସଫେଇ, କଳାକାର, ଶିକ୍ଷାବିତ୍, କ୍ରୀଡ଼ାବିତ, ସମାଜସେବୀ ଡାକ୍ତର ଓ ସମାଜର ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରି ଏଠାକାର ଜନତାଙ୍କ ଲୋକପ୍ରିୟ ସଂସ୍ଥା ଭାବରେ ପରିଗଣିତ ହୋଇପାରିଛି।

ଏ ବର୍ଷ ଉତ୍କଳ ଆସୋସିଏସନ ୮୯ତମ ଜନ୍ମ ଦିବସ ପାଳନ କରିବାକୁ ଯାଉଛି। ଏ ବର୍ଷ ଓଡ଼ିଶାର କଳାକାର ମାନଙ୍କ ଦ୍ୱାରା ମ୍ୟୁଜିକ ନାଇଟ କରିବା ପାଇଁ ବିଚାର କରାଯାଇଛି। ଉତ୍କଳ ଆସୋସିଏସନର ପୃଷ୍ଠପୋଷକ ସୁନାମଧନ୍ୟ ସମାଜସେବୀ ଶୁଭେନ୍ଦ୍ର କୁମାର ବେହେରା, ତାଙ୍କ ସହଧର୍ମିଣୀ ଓ ଉତ୍କଳ ଆସୋସିଏସନ ସୁଖ, ଦୁଃଖର ସାଥୀ ଶ୍ରୀମତୀ ସଙ୍ଗୀତା ବେହେରା, ଟ୍ରଷ୍ଟି ତଥା ଏ ସଂସ୍ଥାର ପୁରୋଧା ମନୋରଞ୍ଜନ ଦାଶ, ବିଭୂତି ଭୂଷଣ ପ୍ରଧାନ, ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ବରିଷ୍ଠ ଉପସଭାପତି ଡଃ ସଞ୍ଜୟ ପାତ୍ର, ଉପସଭାପତି ବାଦଲ ଭୂୟାଁ, ସାଧାରଣ ସଂପାଦକ ତରୁଣ କୁମାର ମହାନ୍ତି, ସହ ସଂପାଦକ ବିଭୂତି ଭୂଷଣ ମହାନ୍ତି, କୋଷାଧକ୍ଷ ମନୀଶ ଦାଶ, ଶ୍ରୀକାନ୍ତ କୁମାର ପତି, ରବିନ୍ଦ୍ର ନାଥ ଶତପଥି, ପ୍ରଶାନ୍ତ ମହାନ୍ତି, ଅଶୋକ ସାମନ୍ତ, ସିଫନ ମହାନ୍ତି, ମନୋଜ ସାହୁ, ନିରଞ୍ଜନ ନାୟକ, ବିଜୟ ମିଶ୍ର, ମନୋରଞ୍ଜନ ଗୌଡ଼, ପବିତ୍ର ଜେନା, ଜୟ ପ୍ରକାଶ ଲେଙ୍କା, ଦୀପକ ନାୟକ, ସଞ୍ଜୟ ମହାନ୍ତି, ସରୋଜ ଗୌଡ଼, ପ୍ରତିଭା ମହାନ୍ତି, ସସ୍ମିତା ପାତ୍ର, ମନୋରଞ୍ଜନ ପଶାୟତ, ଅଶୋକ ମହାପାତ୍ର, ଗୋବିନ୍ଦ ସ୍ୱାଇଁ, କିଶୋର ମହାନ୍ତି, କିଶୋର ନାୟକ, ଡାକ୍ତର ସୀମାଞ୍ଚଳ ରାଉଳ, ଅଭିମନ୍ୟୁ ଚୌଧୁରୀ, ବିଭୂତି ନାୟକ, ଦିଲ୍ଲୀପ ମହାନ୍ତି, ଅଶୋକ ଭୂୟାଁ, ମନୋରଞ୍ଜନ ସ୍ୱାଇଁ, ସୁକାନ୍ତ ଦାଶ, ଜୟରାମ ଦାଶ ପାତ୍ର, ଗୋବିନ୍ଦ ସ୍ୱାଇଁ, ବସନ୍ତ ଶ୍ରୀଚନ୍ଦନ, ନିରଞ୍ଜନ ନାୟକ, ଜୟଶ୍ରୀ ମହାନ୍ତି, ସୁଶୀଳା ଆଚାର୍ଯ୍ୟ, ସୁଜାତା ଚୌଧୁରୀ, ବୁଲୁ ରାଉଳ, ମଦନ ତରାଇ, ପରିତୋଷ ଗିରି, ପ୍ରଭାତ ମହାପାତ୍ର, ସନ୍ତୋଷ ଚୌଧୁରୀ, ଗୀତା ଗୌଡ଼, ହେମନ୍ତ ଜେନା ପ୍ରମୁଖ ଓଡ଼ିଆ ମାନଙ୍କ ସହଯୋଗରେ ଉତ୍କଳ ଆସୋସିଏସନ ସଫଳତାର ସିଡି ଚଢ଼ିବାରେ ଲାଗିଛି।

ବାଦଲ ଭୂୟାଁ, ୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ୍, ସୋନାରୀ, ଜାମସେଦପୁର, ଦୂରଭାଷ: ୯୨୦୪୬୫୨୦୬୫/୭୪୮୮୯୯୮୫୩୨

ପିଲାଙ୍କ ପାଖରୁ ସମ୍ବେଦନଶୀଳତା କମିବା ପାଇଁ ଦାୟୀ କିଏ ?

ଶୈଶବର ସମୟ କମ୍, ଚାହୁଁ ଚାହୁଁ ସରିଯାଏ ପିଲାବେଳ। ଆଜିର ପିଲାଏ ଯେ ସେମାନଙ୍କ ଶୈଶବକୁ ଉପଭୋଗ କରିପାରୁଛନ୍ତି, ଏକଥା କହିବା ଭୁଲ ହେବ। ବାପା ମା'ଙ୍କ ସ୍ୱପ୍ନକୁ ସାକାର କରୁ କରୁ ପାକଳ ହୋଇଯାଉଛି ଶୈଶବ। ବାପା ମା'ଙ୍କ ଇଚ୍ଛାକୁ ଲଦି ଦିଆଯାଉଛି ସେମାନଙ୍କ ଉପରେ। ପିଠିରେ ପାଠର ବୋଝ। ହୋମ ଟାସ୍କର ଭୟ। ସବୁଥିରେ ଆକଟ। ପ୍ରଜାପତି ପଛରେ ଗୋଡାଇଲେ ହୋମଟାସ୍କ ଅଧା ରହିଯିବ। ପାଠରେ ମନ ନ ଦେଲେ କ୍ଲାସରେ ଫାଷ୍ଟ ହେଇହେବନି। ବାପା ମା'ଙ୍କ ଇଜ୍ଜତ ରହିବନି। ଏମିତି ଏକ ଟାର୍ଗେଟ ପୂରଣ କରୁ କରୁ କ୍ଲାନ୍ତ ହୋଇପଡୁଛି ପିଲାଟି। ତା'ପରେ ମଧ୍ୟ ତ୍ରାହି ନାହିଁ। ପାଠ ପାଠ ଆଉ ପାଠ। ଅଧିକ ପଇସା ସିଏ କେମିତି ରୋଜଗାର କରିପାରିବ ସେଥିପାଇଁ ତିଆରି କରାଯାଉଛି ତାକୁ। ସଚ୍ଚୋଟ ମୂଲ୍ୟବୋଧି ମଣିଷ କେମିତି ହେବ ଏ ଦିଗକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି ଆଜିର ବାପା ମାଆ। ଇତିମଧ୍ୟରେ ପାଳିତ ହୋଇଛି ଶିଶୁ ଦିବସ। ସ୍ୱାଧୀନତାର ୭୫ ବର୍ଷ ଆମେ ପାଳନ କରୁଛେ, 'ଅମୃତ ମହୋତ୍ସବ' ଭାବରେ। ଏଇ ସମୟରେ ମଧ୍ୟ ଦେଶରେ ଶିଶୁ ଏବଂ ମା' ଅପପୁଷ୍ଟିର ଶିକାର ହେଉଥିବା ଖବର ପ୍ରକାଶ ପାଉଛି। ପୁଷ୍ଟିକର ଖାଦ୍ୟ ଖାଇବା ସବୁ ଲୋକଙ୍କ ପାଇଁ ସମ୍ଭବ ହେଉନି ବୋଲି ସର୍ବେକ୍ଷଣରୁ ଜଣାଯାଇଛି। ଦେଶରେ ଶିଶୁ ଶ୍ରମିକ ଏବେ ବି ଅଛନ୍ତି। ଦୁଇଟି ବର୍ଗର ଶିଶୁ ଅଛନ୍ତି ଆମ ଦେଶରେ। ଗୋଟିଏ ବର୍ଗ ଶିଶୁଙ୍କ ସବୁପ୍ରକାର ଚାହିଦା ପୂରଣ ହୋଇପାରୁଛି। ଖାଦ୍ୟଠୁ ଆରମ୍ଭ କରି ପାଠପଢ଼ା ଯାଏ। ଆଉ ଗୋଟେ ଗୋଷ୍ଠୀର ଶିଶୁ ସବୁପ୍ରକାର ନିଅଣ୍ଟ ଭିତରେ ବଢୁଛି, ମଣିଷ ହେଉଛି।

ଆମ ଦେଶରେ ଦୁଇ ପ୍ରକାର ମାନର ପାଠପଢ଼ା ରହିଛି ଶିଶୁଙ୍କ ପାଇଁ। ସରକାରୀ ସ୍କୁଲ ଏବଂ ଘରୋଇ ସ୍କୁଲ। ସରକାରୀ ସ୍କୁଲର ପାଠପଢ଼ା ଏଯାଏ ଘରୋଇ ସ୍କୁଲ ପାଠପଢ଼ା ସହିତ ସମକକ୍ଷ ହୋଇପାରିନି, ଯଦିଓ ସରକାରୀ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦରମା ଘରୋଇ ସ୍କୁଲ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଠାରୁ ଖୁବ ଅଧିକ। ଥିଲାବାଲା ଘରର ଶିଶୁଙ୍କ ପାଇଁ ବାପା ମା'ଙ୍କ ପାଖରେ ସମୟ ନାହିଁ। ସେମାନଙ୍କ ପାଖରେ ଟଙ୍କାର ଅଭାବ ନାହିଁ ସତ; କିନ୍ତୁ ସମୟର ଅଭାବ ରହିଛି। ବାପା ମା' ସେମାନଙ୍କ ବୃତ୍ତିକୁ ନେଇ ବ୍ୟସ୍ତ। ପିଲାଙ୍କ ଶୈଶବ ଯେ ଅଳ୍ପ ଦିନର ଏକଥା ସେମାନେ ଭୁଲିଯାଉଛନ୍ତି। ବାପା ମା' ପିଲାଙ୍କୁ ସମୟ ଦେଇପାରୁନାହାନ୍ତି ସେମାନଙ୍କ ଶୈଶବରେ, ତେଣୁ ଶିଶୁମାନେ ବଡ଼ ହୋଇ ବଡ଼ ଚାକିରି କରିବା ପରେ ବାପା ମା'ଙ୍କୁ ସମୟ ଦେଇପାରନ୍ତେ କେମିତି ?

ପିଲାମାନଙ୍କଠାରୁ ସମ୍ବେଦନଶୀଳତା କମି କମି ଯାଉଛି, ଏଥିପାଇଁ ବାପା ମା'ଙ୍କୁ ଦାୟୀ କରିବା ଉଚିତ ହେବ ବୋଲି ଯେ କେହି କହିବେ। ଖୁବ କମ୍ ବୟସରୁ ସେମାନଙ୍କୁ ବୁଝାଇ ଦିଆଯାଉଛି-ଅଧିକ ରୋଜଗାର କରିବା ହିଁ ଜୀବନର ଏକ ବଡ଼ ସଫଳତା ଏବଂ ପ୍ରାପ୍ତି। ଅନ୍ୟ ପାଇଁ ବ୍ୟସ୍ତ ବିବ୍ରତ ହେଲେ ଜୀବନରେ ଆଗକୁ ବଢ଼ିହେବନି। ତେଣୁ କେବଳ ପାଠରେ ମନଦେବା ଉଚିତ। ଅତି ଘନିଷ୍ଠ ଏବଂ ଆପଣାର କାହାରି ମୃତ୍ୟୁ ହେଲେ ମଧ୍ୟ ପାଠପଢ଼ାରେ ସାମାନ୍ୟ କ୍ଷତି ହେବ କହି ପିଲାଙ୍କୁ ଦୁଃଖଠାରୁ ଦୂରେଇ ରଖିବାକୁ ଉଚିତ ମଣୁଛନ୍ତି ବାପା ମାଆ। ଏଇ କାରଣରୁ ବାପା ମାଆଙ୍କ ମୃତ୍ୟୁରେ ମଧ୍ୟ ପ୍ରବାସରେ ଥିବା ପିଲାଟି ବ୍ୟସ୍ତ ହେଉନି। ଏଥିପାଇଁ ଦାୟୀ କିଏ ?

—ରଶ୍ମୀରେଖା ପରିଡ଼ା

ମରିଚପୁର, ବାଲିକୁଦା, ଜଗତସିଂହପୁର, ଦୂରଭାଷ : ୯୧୭୮୨୧୩୭୯୧

ରାଜର୍ଷି ନବକୃଷ୍ଣ ଚୌଧୁରୀ ଥିଲେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ

ଭୁବନେଶ୍ୱର (ପିଏନ୍): ମହାନ ସ୍ୱାଧୀନତା ସଂଗ୍ରାମୀ, ଜନନେତା, ପ୍ରାକ୍ତନ ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବହୁ ବ୍ୟକ୍ତିତ୍ୱର ଅଧିକାରୀ ସ୍ୱର୍ଗତଃ ନବକୃଷ୍ଣ ଚୌଧୁରୀଙ୍କ ୧୨୧ତମ ଜୟନ୍ତୀ ସ୍ଥାନୀୟ ବିଧାନସଭା ନିକଟ ପ୍ରତିମୂ□ ସ୍ଥଳରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଓ ଆମେ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ପ୍ରତିମୂ□ରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଅଧକ୍ଷ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ପ୍ରଦ୍ୟୁମ୍ନ ଶତପଥୀ ସଂଯୋଜନା କରି ମତବ୍ୟକ୍ତ କରିଥିଲେ ଯେ, ନବକୃଷ୍ଣ ଚୌଧୁରୀ ଥିଲେ ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ। ଭୂ-ସଂସ୍କାର ଆଇନ, ନିଶା ନିବାରଣ ଆଇନ ତଥା ଓଡ଼ିଆ ଭାଷା ଆଇନ ଆଣିବାରେ ସେ ଥିଲେ ସର୍ବପ୍ରଥମ ଓଡ଼ିଆ। ଜଣେ ଦରଦୀ ଜନନେତା ସହିତ ଓଡ଼ିଆ ଭାଷା, ସାହିତ୍ୟ ତଥା ସାଧାରଣ ଜନତାଙ୍କର ସ୍ୱାର୍ଥ ଯେପରି ସାଧିତ ହୋଇପରିବ ସେ ଦିଗରେ ଅହରହ ଉଦ୍ୟମ କରିଆସୁଥିଲେ। ସମଗ୍ର ବିଚ୍ଛିନ୍ନାଞ୍ଚଳକୁ ଏକତ୍ରିକରଣ କରିବା ଉଦ୍ୟମ ବେଶ୍ ପ୍ରଶଂସନୀୟ ଥିଲା। ତାଙ୍କ ସଂପୂର୍ଣ୍ଣ ଜୀବନ ସଚ୍ଚୋଟତା, ସରଳତା ଓ ସାଧୁତାରେ ପରିପୂର୍ଣ୍ଣ ଥିଲା। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ସାରସ୍ୱତ ସାଧିକା ସୁମିତ୍ରା ଜେନା, ଭାଷାବିତ୍ ଅଦୈତ ପାତ୍ର, ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ନିରଂଜନ ପଣ୍ଡା, ସରକାରଙ୍କ ଅନୁସଚିବ ଲକ୍ଷ୍ମୀଧର ବେହେରା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଦିଲ୍ଲୀପ ଦାସଶର୍ମା, ଉପସ୍ଥିତ ରହିବା ସହିତ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସଂଗ୍ରାମୀ ବିଜୟ ପରିଡ଼ା, କମାଣ୍ଡର ନନ୍ଦ କିଶୋର ସାମଲ, ଫଟୋ ସାମ୍ବାଦିକ ସନ୍ତୋଷ କୁମାର ପଣ୍ଡା, ମହନ୍ତ କମଳ ଲୋଚନ ଦାସ ଓ ରମେଶ ଚନ୍ଦ୍ର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଆନୁଷ୍ଠାନିକ ଭାବେ ସଂଯୋଜକ ବାପୁ ଓଝା ଧନ୍ୟବାଦ ଅର୍ପଣ କରିଥିବାବେଳେ ନାରାୟଣ ଖୁଂଟିଆ, ସଂଜୟ ପରିଡ଼ା, ଗିରିଜା ମହାପାତ୍ର, ତନ୍ମୟ ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଶିକ୍ଷାଧିକାରୀଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ

ଯୋଡା (ପିଏନ୍): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ (ନୂତନ ପେନ୍‌ସନ ଯୋଜନାଭୁକ୍ତ) ତରଫରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ୨୦୦୧ ମସିହାରୁ ଶିକ୍ଷା ସହାୟକ ଭାବେ କାର୍ଯ୍ୟ କରି ଆସୁଥିବା ବୃତ୍ତିଭି□ିକ କର୍ମଚାରୀ ମାନଙ୍କର ୬ ବର୍ଷ ଚାକିରୀ କାଳକୁ ଗଣନା କରାଯାଇ ସେମାନଙ୍କୁ ୬ ବର୍ଷର ୬ଟି ଇନ୍‌କ୍ରିମେଣ୍ଟ ସହ ପଦୋନ୍ନତି ପ୍ରଦାନ କରିବା, ନୂତନ ପେନ୍‌ସନ୍‌କୁ ବାତିଲ କରି ପୁରୁଣା ପେନ୍‌ପନ ଲାଗୁ କରିବା ଓ ଅବିକଳ କେନ୍ଦ୍ରୀୟ ହାରରେ ଦରମା

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ନଭେମ୍ବର ୨୪

ସାମ୍ପ୍ରତିକ ଜୀବନବୋଧ

ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ । ଏପରିକି ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜ୍ୱଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେ ହୁଅନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ । ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖ ଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଉତ୍ସବ ମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । କେଉଁଠି ନିଜ ପିଲାଙ୍କୁ ଗାଁ ସ୍କୁଲରେ ପାଠ ନ ପଢ଼ାଇ ସହରରେ ପାଠ ପଢ଼ାଇବାର ମୋହ ପାରିବାରିକ ସଂପର୍କରେ ଠିଆ କରାଇଛି ପାଚେରୀ ତ ଆଉ କେଉଁଠି ଭାଇ ଭାଇ ଭିତରେ ଭାଗ ବଣ୍ଟାକୁ ନେଇ ଚୂଡ଼ାନ୍ତ ଫଇସଲା ପାଇଁ ଭଦ୍ରଲୋକଙ୍କୁ ଡକା ଯାଇଛି । ଲାଗୁଛି ସ୍ୱାର୍ଥ ସର୍ବସ୍ୱ ଏ ଦୁନିଆରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର । ଗାଁ ମନ୍ଦିର ପରିସର ଆଜି ତରୁଣ ଗୋଷ୍ଠୀର ଗଞ୍ଜେଇ ଆଖଡ଼ାରେ ପରିଣତ ହେବା ଠାରୁ ଆରମ୍ଭ କରି; ରାଜନୀତି ଆଜି ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀର ସ୍ୱପ୍ନର ସମ୍ଭାର ପାଲଟିଛି । ଫଳରେ ଗାଁ ମଧ୍ୟ ଦି' ଭାଗ ହେବାରେ ଲାଗିଛି । ଏକ ମନ ହୋଇ ଚଳୁଥିବା ଗାଁ ଲୋକ ଆଜି ରକ୍ତମୁଖା ଦିଶୁଛନ୍ତି । ଆଜି ଗାଁରେ ବାପା-ମାଆ, କକା-ଖୁଡ଼ି, ମଉସା-ମାଉସୀ, ପିଉସା-ପିଉସି, ଭାଇନା-ଭାଉଜ, ମାମୁ-ମାଇଁ, ସଙ୍ଗାତ, ମଇତ୍ର ଭଳି ଆତ୍ମୀୟତାର ଉଚ୍ଚାରଣ ଭିତରେ ପରସ୍ପର ଡକାଡକି ହେଉଥିବା ସଂପର୍କ ସବୁ ଶିଥିଳ ହୋଇ ପଡ଼ିଛି । ଏପରିକି ଅନେକ ଘଟଣାରେ ଗାଁ ମାମଲତକାରମାନଙ୍କର ଅଦ୍ଭୁତ ନ୍ୟାୟନିଶାପ ଗ୍ରାମ୍ୟ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଛି । ଏହାସହ ଗାଁରେ ସରକାରଙ୍କ ଦ୍ୱାରା ପ୍ରଚଳିତ ସବୁ ବ୍ୟବସ୍ଥା କିପରି ଉପହସିତ ତାହା କଞ୍ଜୋଲ ଦୋକାନର ଚିତ୍ର ଭିତରୁ ସ୍ପଷ୍ଟ ହୋଇପଡୁଛି । ଗାଁର ଶିକ୍ଷିତ ଗୋଷ୍ଠୀ କୌଳିକ ବୃତ୍ତି ବିମୁଖ ହୋଇ ସହର ଅଭିମୁଖେ ଅନ୍ଧଭାବରେ ଯାତ୍ରା; ଗାଁ ପ୍ରତି ଥିବା ସୂକ୍ଷ୍ମ ସଂପର୍କର ଡୋରୀକୁ ଶିଥିଳ କରିଦେଇଛି । ଏପରିକି ସହରର ଚାକଚକ୍ୟ ଅନେକ ପରିବାରରେ ଆଣିଛି ଦାରୁଣ ବିଡ଼ମ୍ବନା । କାରଣ ବାପାମାଆ ଯେଉଁ ପୁଅର ପାଠପଢ଼ାରେ ସମଗ୍ର ଜୀବନକୁ ସମର୍ପି ଦେଇଛନ୍ତି; ସେହି ପୁଅ ଏକ ଧନୀ ଦୁଲାଳୀକୁ ବାହା ହେବା ପରେ ଭୁଲିଯାଉଛି ଆପଣାର ଅତୀତ ଓ ବାପାମାଆଙ୍କୁ । ବସ୍ତୁତଃ ଏହାହିଁ ହେଉଛି ଆଜି ପ୍ରତି ଗାଁର ନିଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ସୁଦୂର ପରାହତ ।

ପରିଶେଷରେ କେବଳ ଏତିକି କହିବି- ଆଜି ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସଂପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ପ୍ରଗତିର ଶେଷ ବିନ୍ଦୁରେ ଜଗତୀକରଣର ଗୀତ ଗାଉଥିବା ଏ ମଣିଷ ପରମ୍ପରାଠାରୁ ବିଚ୍ଛିନ୍ନ ହେବା ସମ୍ଭବ ନୁହେଁ । ଆପଣା ମାଟି, ପାଣି, ପବନ ଓ ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବ□ବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସବୁ ମଣିଷ ପାଇଁ ମାଟି ହିଁ ହେଉଛି ମା'ର ରୂପାନ୍ତର । ଖୁବ୍ ନିବିଡ଼ ଓ ଆତ୍ମୀୟ । କିନ୍ତୁ ଏ ମାଟିରେ ଚଳପ୍ରଚଳ କରୁଥିବା ମଣିଷ ଗୁଡ଼ିକ ଭାବରେ ଓ ରକ୍ତରେ ଆତ୍ମୀୟ ହେବା ସତ୍ତ୍ୱେ; ଭୋଗ ସର୍ବସ୍ୱ ମନୋବୃତ୍ତି ନେଇ ଅଚିହ୍ନା ପାଲଟି ଯାଇଛନ୍ତି । ଏହାହିଁ ହେଉଛି ଚଳନ୍ତି ସମୟର ଦୁଃଖ ।

ସମ୍ପ୍ରତି ସମାଜରେ ଚଳପ୍ରଚଳ କରୁଥିବା ମଣିଷମାନେ ନିତ୍ୟ ପ୍ରତ୍ୟହ ଘଟଣାବଳୀର ସାର୍ଥକ ସମନ୍ୱୟ । ମଣିଷ ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ପରିବାର ଓ ସମାଜ । ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ- ବ□ବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରି ଆସିଛି । ବସ୍ତୁତଃ କହିବାକୁ ଗଲେ ଚଳନ୍ତି ସମୟର ମଣିଷ ହେଉଛି- କାଳର ଏକ କରୁଣ ପରିଣତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆମେ ନିଜର ଅନେକ ସମସ୍ୟା ସମାଧାନ କରିଥିଲେ ମଧ୍ୟ ଅନେକ ନୂତନ ସମସ୍ୟା ଦେଖାଦେଇଛି । କ୍ରମେ ମଣିଷର ନୈତିକ ଚିନ୍ତାଧାରା ଓ ଆଦର୍ଶ ବିଡମ୍ବିତ ହୋଇଛି । ଫଳରେ ସ୍ୱାଧୀନ ଭାରତର ଜନସାଧାରଣ ଦେଖିଥିବା ନୂତନ ଆଶାର ସ୍ୱପ୍ନ କାଳବକ୍ଷରେ ତିରୋହିତ ହୋଇଯାଇଛି । ସମାଜରେ ଆଶାତୀତ ଭାବେ ବିଭିନ୍ନ ଅପରାଧ, ଚୋରି, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଦୁର୍ନୀତି, ଯୌତୁକଜନିତ ହତ୍ୟା ଓ ଅମାନୁଷିକତା ବୃଦ୍ଧି ପାଇବାରେ ଲାଗିଛି । ଅର୍ଥ ଲାଳସା, ପ୍ରବ□ନା, ମିଥ୍ୟା ଓ ପ୍ରଚାରଧର୍ମିତା ମଣିଷର ମଣିଷପଣିଆକୁ କଳୁଷିତ କରିଛି । ଶୋଷକମାନେ ସେବକ ବେଶରେ ରାଜନୀତି ମ□ରେ ଅନୁପ୍ରବେଶ କରିବା ଫଳରେ ସେବା ଓ ତ୍ୟାଗ ହୋଇଛି ବିଡମ୍ବିତ । ଏ ପ୍ରକାର ଅଶ୍ୱସ୍ତିକର ପରିବେଶ ଭିତରେ ଆଜିର ମଣିଷ ବ□ଛି । ସବୁବେଳେ ତା' ଆଖି ଆଗରେ ଫୁଟି ଉଠିଛି ଏକ ଅନ୍ଧକାର ସମାଜର ଚିତ୍ର । ଏକ ଦିଗରେ ବିଜ୍ଞାନର ଅଗ୍ରଗତି ହେଲେ ଅପର ପକ୍ଷରେ ରହିଛି ଦାରିଦ୍ର୍ୟ, ବ୍ୟାଧି ଓ କ୍ଷୁଧା ତୃଷ୍ଣାର ତାଡ଼ନା । ପ୍ରକୃତ ପକ୍ଷେ କହିବାକୁ ଗଲେ ଆଜି ମଣିଷର ସାମାଜିକ ଜୀବନ ହୋଇଉଠିଛି ସମସ୍ୟାକ୍ଲିଷ୍ଟ । ଏପରିକି ଆଧ୍ୟାତ୍ମିକ ଓ ମାନସିକ ଭାବସତ୍ତା ହୋଇଉଠିଛି ତା'ଠୁ ଅଧିକ ବିପର୍ଯ୍ୟସ୍ତ । ଆଜି ମଣିଷ ଏକ ଧୂସର ଉପତ୍ୟକାର ଅଧିବାସୀ । ସଫଳତା ଓ ସ୍ୱୀକୃତିର ଘୋଡ଼ା ଦୌଡ଼ରେ ସେ ଅଣନିଃଶ୍ୱାସୀ । ସଫଳତାର ସିଡ଼ି ଚଢ଼ାରେ ସେ ଲଗାଇଛି ଆପଣାର ମୂଲ୍ୟବୋଧ । ଏପରିକି ଆଧ୍ୟାତ୍ମିକ ବିଶ୍ୱାସହୀନତା ମଣିଷ ପାଇଁ ସୃଷ୍ଟି କରିଛି ଏକ ନାହିଁ ନାହିଁର ଉପତ୍ୟକା । ବସ୍ତୁତଃ ଏହାହିଁ ହେଉଛି ସାମ୍ପ୍ରତିକ ସମାଜର ଏକ ନିଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଏବଂ ସୌହାର୍ଦ୍ଦ୍ୟ ସୁଦୂର ପରାହତ । ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଥିବା ସତ୍ୟ ମନେହୁଏ ।

ଡକ୍ଟର ମନୋରଞ୍ଜନ ବିଷୋୟୀ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭

ଆଜିର ଅନୁଚିନ୍ତା

ଆଚରଣଶୀଳ ବ୍ୟକ୍ତି ହିଁ ଆଚାର୍ଯ୍ୟ ପଦବାଚ୍ୟ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ମଣିଷ ଦେଶ ପାଇଁ ଆଜି ବୋଝ ପାଲଟୁଛି !

ହରେକୃଷ୍ଣ ପଣ୍ଡା



ମନୁଷ୍ୟ ଅନ୍ୟ ପ୍ରାଣୀଙ୍କଠାରୁ ବରିଷ୍ଠ ଏବଂ ସେମାନଙ୍କ ତୁଳନାରେ ଅସାଧାରଣ ଯୋଗ୍ୟତା ଓ ପ୍ରତିଭା ହାସଲ କରିଛି ବୋଲି ତାକୁ ଶ୍ରେଷ୍ଠଜୀବ କୁହାଯାଏ। କିନ୍ତୁ ଏବେ ଆମ ଦେଶ କାହିଁକି ସାରା ବିଶ୍ୱରେ ମଣିଷ ଭଳି ଦେଖାଯାଉଥିବା କାର୍ଯ୍ୟ କରୁଥିବା ମଣିଷ ପ୍ରକୃତରେ ମଣିଷ ନୁହଁନ୍ତି। ଏମାନଙ୍କଠାରେ ନା ଅଛି ମଣିଷପଣିଆ ନା ଅଛି ମାନବିକତା, ଏମାନଙ୍କଠାରେ ଦେଖାଯାଏ କେବଳ ଅମାନୁଷିକ ଗୁଣ, ହିଂସ୍ର ସ୍ୱଭାବ, ଧ୍ୱଂସ କରିବାର ପ୍ରବଣତା। ଏମାନଙ୍କଠାରେ ଦେଖାଯାଏ ନାହିଁ ମାନବୀୟ ଦାୟିତ୍ୱ, ଜୀବନର ଉତ୍କର୍ଷ ସାଧନ, ଶାଳୀନତା, ସଭ୍ୟତା, ସୁସଂସ୍କାର କିମ୍ବା ନୈସର୍ଗିକ ଗୁଣ ଇତ୍ୟାଦି। ବ୍ୟକ୍ତିଗତ, ନୀତିଗତ ଓ ସାମାଜିକ ମର୍ଯ୍ୟାଦା ତଥା ଅନୁଶାସନ ପାଳନ କରିବାର ପ୍ରବୃତ୍ତି ଏମାନଙ୍କଠାରେ ଦେଖାଯାଏ ନାହିଁ। ତା'ଠାରୁ ଆଶା କରାଯାଏ ଯାବତୀୟ କୁକର୍ମଠାରୁ ଦୂରେଇ ରହି ମାନବିକ ମର୍ଯ୍ୟାଦାଗୁଡ଼ିକର ପରିପାଳନ କରିବା। ମହାମନୀଷୀମାନେ କହିଛନ୍ତି ମଣିଷ ହେଉଛି ପଥଭ୍ରଷ୍ଟ ଦେବତା। କାରଣ ମଣିଷ ହେଉଛି ଅସାଧାରଣ ମନେରଖିବା ଉଚିତ। ଜୀବନରେ ପଥଭ୍ରଷ୍ଟତା ଉପରେ ନିୟନ୍ତ୍ରଣ ରଖିପାରିଲେ ସେ ଆତ୍ମସନ୍ତୋଷ ଓ ଲୋକକଲ୍ୟାଣର ସଂସାର ସଂରଚନା କରିପାରିବ। ବ୍ୟକ୍ତି ଶାରୀରିକ ରୂପେ ସମର୍ଥ ହେଉ, ବଳବାନ ହେଉ ବା ବୌଦ୍ଧିକ କ୍ଷମତାସମ୍ପନ୍ନ ହେଉ; ଏ ସବୁ ଆଧାରରେ ସୁଖ-ସୁବିଧା ପ୍ରାପ୍ତି ସମ୍ଭବ। ସାମାଜିକ ରୂପେ ଏଗୁଡ଼ିକର ମୂଲ୍ୟ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ରହିଛି। ତା'ପରେ ଏଗୁଡ଼ିକର ମୂଲ୍ୟ ରହେନାହିଁ। ବ୍ୟକ୍ତି ଯଦି ଅଶିଷ୍ଟ, ଅସଭ୍ୟ, ଦୁର୍ଗୁଣଯୁକ୍ତ ହୁଏ, ସେ ନିଜ ସହିତ ଅନେକଙ୍କ ପାଇଁ କଷ୍ଟ କଠିନତାର କାରଣ ହୋଇଥାଏ। ଏହାକୁ ଅନ୍ୟ ପ୍ରକାରର କହିଲେ, ଏ ସଂସାରରେ ମନୁଷ୍ୟ ଭଳି ଦେଖାଯାଉଥିବା, ତା' ପରି କ୍ରିୟାକଳାପ କରୁଥିବା ଲୋକ କୋଟି କୋଟି ସଂଖ୍ୟାରେ ଅଛନ୍ତି। ଯଦି ସେମାନଙ୍କ ମଧ୍ୟରେ ମାନବୋଚିତ ଉତ୍କୃଷ୍ଟତାର ସମାବେଶ ନ ହୋଇପାରିଲା ତେବେ ବୁଝିବାକୁ ହେବ ଯେ ସେମାନେ ଦେଶ ପାଇଁ ଏବଂ ପୃଥିବୀ ପାଇଁ ବୋଝ ହେବା ବ୍ୟତୀତ ଅନ୍ୟ କିଛି କରିପାରିବେ ନାହିଁ। ଯଦି ମନୁଷ୍ୟ ସ୍ୱାର୍ଥବାଦୀ ହୋଇଯାଏ; କିନ୍ତୁ ସଂସାର ଦୃଷ୍ଟିରୁ ଶୂନ୍ୟ ରୁହେ, ଏବଂ ତାର ଚିନ୍ତନରେ ଅତି ନିକୃଷ୍ଟ ଚିନ୍ତାଧାରା ଥାଏ, ତେବେ ଏପରି ଜୀବନ କଳଙ୍କ ସହିତ ସମାନ।

ଆମେ ଦେଖିବା ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ସିଦ୍ଧାନ୍ତ କ'ଣ? ଜ୍ଞାନ ରାଜ୍ୟରେ ଆରିଷ୍ଟଟଲଙ୍କ ସର୍ବାଧିପତି ଯେତେବେଳେ ସ୍ୱୀକାର କରାଯାଉଥିଲା ସେତେବେଳେ ଦାର୍ଶନିକ ବେକନ ଜ୍ଞାନର ପୁନର୍ଜାଗରଣ ଓ ତାକୁ କାର୍ଯ୍ୟକାରୀ କରିବା ପାଇଁ ଦୃଢ଼ସଂକଳ୍ପ ନେଇଥିଲେ। ଅନ୍ଧ କୁସଂସ୍କାର ଯାହା ମନୁଷ୍ୟକୁ ଅମଣିଷରେ ପରିଣତ କରୁଛି ତା' ବିରୁଦ୍ଧରେ ସେ ସ୍ୱର ଉତୋଳନ କରିଥିଲେ। ଫ୍ରାନସିସ ବେକନଙ୍କ ପୂର୍ବବର୍ତ୍ତୀ ଦାର୍ଶନିକ ରୋଜର ବେକନ ମଧ୍ୟ ଆରିଷ୍ଟଟଲଙ୍କୁ ପ୍ରତିପକ୍ଷ କରି ନୂତନ ପଦ୍ଧତି ପ୍ରଣୟନ କରିଥିଲେ। ତାହା ଥିଲା ଅନ୍ଧ ସଂସ୍କାରର ମୂଳୋତ୍ପାଟନ କରିବା। ସେ ଦର୍ଶନ ରାଜ୍ୟରେ ଅନୁଭବକୁ ପ୍ରାଧାନ୍ୟ ଦେଇଥିଲେ। ଆଜିର ମଣିଷ ଯାହା ଅନୁଭବ, ଅନୁଭୂତିକୁ ଆଡେଇ ଚାଲିଛି, ଏହା ମନୁଷ୍ୟତ୍ୱର ଲକ୍ଷଣ ନୁହେଁ। ଅନୁଭବରୁ ବାସ୍ତବରେ ମାନବିକତା, ସମ୍ବେଦନଶୀଳତା ସୃଷ୍ଟି ହୋଇଥାଏ। ତେଣୁ ଦାର୍ଶନିକ କ୍ଷେତ୍ରରେ ଅନୁଭବ, ଓ ଆରୋହମାନର ପ୍ରଚାର ହିଁ ଇଂରେଜ ଦାର୍ଶନିକମାନଙ୍କର ଗୌରବ ବୋଲି ସେ ମନେକରନ୍ତି। ଅନୁଭବବାଦର ପ୍ରତିଷ୍ଠାତା ହେଉଛନ୍ତି ଫ୍ରାନସିସ ବେକନ। ତାଙ୍କ ମତରେ, ସମସ୍ତ ଜ୍ଞାନ ଅନୁଭବରୁ ହିଁ ଉଦ୍ଭୂତ, ଅନୁଭବର ପରିସୀମା ହିଁ ଜ୍ଞାନର ପରିସୀମା। ଅନୁଭବ ସୀମା ଅତିରିକ୍ତ ଜ୍ଞାନ ସମ୍ପୂର୍ଣ୍ଣ ଅମୂଳକ। ପଂଚେନ୍ଦ୍ରୀୟ ସିଦ୍ଧ, ବସ୍ତୁନିଷ୍ଠ, ଅନୁଭବ ଜ୍ଞାନ ଲାଭ ଲାଗି ବେକନ ଉପଦେଶ ଦେଇଥିଲେ। ବେକନଙ୍କ ନୂତନ ପଦ୍ଧତି ହେଉଛି ଅନୁଭବ ଉପରେ ପ୍ରତିଷ୍ଠିତ ବିଭିନ୍ନ ବିଜ୍ଞାନର ଅନ୍ତର୍ନିହିତ ଏକତାର ପ୍ରତିଷ୍ଠା। ଦ୍ୱିତୀୟଟି ହେଉଛି ମାନବ ଜାତିର ପ୍ରୟୋଜନ ପୂର୍ତ୍ତି ପାଇଁ ଓ ମାନବ ଅବସ୍ଥାର ଉନ୍ନତି ବିଧାନ ପାଇଁ ଜ୍ଞାନ ବିଜ୍ଞାନର ବିନିଯୋଗ। କାର୍ଯ୍ୟକାରୀ ଜ୍ଞାନ ହେଉଛି ଯଥାର୍ଥ ଜ୍ଞାନ।

ଭାରତୀୟ ଦର୍ଶନ ମଧ୍ୟ ମାନବିକତା ଓ ଅନୁଭବବାଦ ଉପରେ ବହୁତ କିଛି ଉଦ୍‌ଘୋଷଣା କରିଛି। ମଣିଷ ସମାଜରେ ମହତ ଉଦ୍ଦେଶ୍ୟ, ନୈତିକ ଆଦର୍ଶ ଓ ଧର୍ମପ୍ରବଣତା ଭଳି ଗୁଣାବଳୀର ଅଭାବ ନାହିଁ। କିନ୍ତୁ କାହିଁକି ମନୁଷ୍ୟ ଏତେ ଅସମ୍ପୂର୍ଣ୍ଣ? କାହିଁକି ଅସନ୍ତୁଷ୍ଟ? କାହିଁକି ସେ ଅପ୍ରତ୍ୟାଶିତ ଭାବେ ନିର୍ମମ, ନୃଶଂସ ବା ଦାନବିକ ଆଚରଣ କରୁଛି? କାହିଁକି ସେ ଅହଂ ଅଜ୍ଞାନତା ମଧ୍ୟରେ ବୁଡ଼ିରହିଛି? ମଣିଷ ଭଳି ଦେଖାଯାଉଥିବା ମଣିଷଠାରେ ଦସ୍ୟୁ ପ୍ରବୃତ୍ତି ବିଦ୍ୟମାନ। ଯାହାକୁ ଆମେ ଜାଣିବା ବହୁ କଷ୍ଟକର। ଆମର ବେଦ କୁହେ, ଦସ୍ୟୁ ହେଉଛି ପ୍ରକୃତିଗତ ଶତ୍ରୁ। ବିଭାଜକ, ଲୁଂଠକ, ହାନିକାରକ ଶକ୍ତି ସ୍ୱରୂପ ଏହି ଦାନବ ଗଣ ହେଉଛନ୍ତି ବିଭାଜନକାରିଣୀ ଶକ୍ତିର ସନ୍ତାନଗଣ। ଋଷିଗଣ ତାଙ୍କୁ ପ୍ରଚଳିତ ବିଭିନ୍ନ ନାମରେ ଅଭିହିତ କରିଛନ୍ତି। ସେମାନେ ହେଲେ ରାକ୍ଷସାଃ ଭକ୍ଷକାଃ, ଓ ଅତ୍ରିଣଃ, ବୃକାଃ ଓ ବିଦାରକଗଣ, ଆଘାତକ ଓ ଜୁଗୁପ୍‌ସଗଣ, ଦ୍ୱିଧା ଖଣ୍ଡକଗଣ, ସୀମାବଦ୍ଧକ ବା ନିନ୍ଦୁକଗଣ। ସେଥିମଧ୍ୟରୁ ବୃତ୍ର ହେଉଛି ମହାସର୍ପ, ପ୍ରଧାନ ବିରୋଧୀ ଶକ୍ତି। କାରଣ ସେ ନିଜର ଅନ୍ଧକାରମୟ କୁଣ୍ଡଳୀ ଦ୍ୱାରା ଦିବ୍ୟ ଅସ୍ତିତ୍ୱ ତଥା ଦିବ୍ୟକ୍ରିୟାର ସମସ୍ତ ସମ୍ଭାବନାକୁ ଆବୃତ କରିଦିଏ। ଏପରି ଆଲୋକ ଦ୍ୱାରା ଏପରିକି ଆଲୋକ ଦ୍ୱାରା ବୃତ୍ରର ବଧ ହୋଇଯିବା ପରେ ବି ତା' ମଧ୍ୟରୁ ଭୟଙ୍କର ଶତ୍ରୁମାନେ ଉଠି ଆସନ୍ତି। ଏମାନଙ୍କ ବ୍ୟକ୍ତିତ୍ୱ ଯେତେ ନିର୍ଣ୍ଣୟ କଲେ ବି ଏମାନେ ତା'ଠାରୁ ବହୁତ ବେଶୀ। ଆମର ଅଜ୍ଞାନତା, ଅଶୁଭ, ଦୁର୍ବଳତାର ସୁଯୋଗ ନେଇଥାଆନ୍ତି। ଆଦର୍ଶ ପ୍ରଣୋଦିତ ହୋଇ ଆମେ ପ୍ରସ୍ତୁତ କରିଛୁ ସମ୍ବିଧାନ, ନିୟମକାନୁନ, ପ୍ରବର୍ତ୍ତନ କରିଛୁ କେତେ କଲ୍ୟାଣମୟ ଯୋଜନା ଏବଂ ଶୁଭଙ୍କର ବିଧିବ୍ୟବସ୍ଥା। କିନ୍ତୁ ସମସ୍ତ ଆଦର୍ଶ ହୋଇଯାଏ ବିକୃତ, ଯୋଜନା ଓ ବିଧି ବ୍ୟବସ୍ଥା ହୁଏ ଦିଗଭ୍ରଷ୍ଟ। ନିଶ୍ଚେତନା-ନିଃସୃତ ଲୋଭ, ସ୍ୱାର୍ଥାନ୍ଧତା ଓ ଅହଂସର୍ବସ୍ୱ ଉଚ୍ଚାଭିଳାଷ ହିଁ ସେ ବିଭ୍ରାଟ ସକାଶେ ଦାୟୀ। ଶ୍ରୀଅରବିନ୍ଦ ଏଭଳି ଏକ ମହାଶକ୍ତିକୁ ଅବତରଣ କରାଇବାର ସାଧନାରେ ନିମଗ୍ନ ଥିଲେ। ଯାହା ସେହି ନିଶ୍ଚେତନାକୁ ରୂପାନ୍ତରିତ କରିପାରିବ। ସେହି ଶକ୍ତିକୁ ସେ ଅତିମାନସ ରୂପେ ଅଭିହିତ କରିଛନ୍ତି। ଚେତନା ରାଜ୍ୟରେ ତାହାରି ପ୍ରତିଷ୍ଠା ହିଁ ଦିନେ ବିବର୍ତ୍ତନର ଲକ୍ଷ୍ୟକୁ ସଫଳ କରିପାରିବ। ଆଜିର ଅର୍ଦ୍ଧପଶୁବତ୍ ଜୀବନ ହେବ ଦିବ୍ୟଜୀବନରେ ପରିଣତ।

ମଣିଷ ଚେତନାର ବିକାଶ ହେଉଛି ସତ; କିନ୍ତୁ ତାହା ସବୁ ମଣିଷର ନୁହେଁ। ବିଜ୍ଞାନ ଓ ଆତ୍ମିକ ଜ୍ଞାନ ତଥା ରାଷ୍ଟ୍ରୀୟ ଚେତନା ସବୁଠି ବିକାଶଲାଭ କରିନାହିଁ। ଅର୍ଦ୍ଧପଶୁବତ୍ ମଣିଷ ଆଜି ଊର୍ଦ୍ଧ୍ୱକୁ ଉଠୁଥିବା ମାନବଜାତି ପାଇଁ ପ୍ରତିବନ୍ଧକ ହୋଇ ଠିଆ ହୋଇଛି। ଯେଉଁମାନଙ୍କୁ ଆମେ କହିବା ଦେଶ ବା ବିଶ୍ୱ ପାଇଁ ଏମାନେ ବୋଝ ସଦୃଶ। ଯାବତୀୟ ବିଶୃଙ୍ଖଳା, ହିଂସା, ଅଶାନ୍ତି ସୃଷ୍ଟି କରନ୍ତି ଯେଉଁ ଜଡବାଦୀ ମଣିଷ, ସେମାନେ ପ୍ରଗତି, ବିବର୍ତ୍ତନରେ ଆଗକୁ ଯିବା ପାଇଁ ଚାହାଁନ୍ତି ନାହିଁ। ଧ୍ୱଂସ କରିବା ଯେଉଁମାନଙ୍କର ଚରମ ଲକ୍ଷ୍ୟ, ସେମାନେ ମଣିଷତ୍ୱକୁ କିପରି ଆଦରିବେ? ଏହିଭଳି ମଣିଷ ଦେଶ ଓ ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇପଡିଛି। ଯେଉଁମାନେ ଏହି ଧରାବକ୍ଷରେ ସେମାନଙ୍କ ଅଲକ୍ଷ୍ୟରେ ବଂଚିବାକୁ ଚାହାଁନ୍ତି, ଦେଶର ଓ ଅନ୍ୟର ଧ୍ୱଂସ ସାଧନ କରି ନିଜେ ନିଜ ସ୍ୱାର୍ଥ ହାସଲ କରିବାକୁ ଚାହାଁନ୍ତି, ସେମାନଙ୍କୁ କ'ଣ ଆମେ ଦେବଦୁର୍ଲ୍ଲଭ

କେନ୍ଦୁଝରରେ ହାତୀ ସୁରକ୍ଷା ପାଇଁ ସମନ୍ୱୟ ବୈଠକ : ଜାତୀୟ ରାଜପଥର ହାତୀ ଯାତାୟତ ସ୍ଥାନରେ ବେଆଇନ ପାର୍କିଂ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର, (ପି.ଏନ):- ହାତୀ ମୃତ୍ୟୁ ରୋକିବା ପାଇଁ ବନ ବିଭାଗ, ବିଦ୍ୟୁତ୍ ବିଭାଗ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ମଧ୍ୟରେ ଏକ ସମନ୍ୱୟ କମିଟି ବୈଠକ କେନ୍ଦୁଝର ଡିଭିଜନ ଡିଏଫ୍ଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଡିଏଫ୍ଓ ଧନରାଜ ଏଚ୍ଡି ସମେତ ରେଳ, ବିଦ୍ୟୁତ ବିଭାଗ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ବିଶେଷ କରି ହାତୀ ମାନଙ୍କର ସୁରକ୍ଷିତ ଓ ଅବାଧ ଯାତାୟତ ସମ୍ପର୍କରେ ଆଲୋଚନା ହୋଇଥିଲା । ବିଶେଷ କରି ଗତ ୦୩/୦୯/୨୦୨୨ ରେ ହୋଇଥିବା ସମନ୍ୱୟ ବୈଠକ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଜାତୀୟ ରାଜପଥରେ ପ୍ରସ୍ତାବିତ ଅଣ୍ଡରପାସ, ଓଭରପାସ ଏବଂ ବ୍ୟାରେକେଡିଂ ର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା । ବନ ବିଭାଗ ପକ୍ଷରୁ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ଅଂଚଳରେ ସାଇନବୋର୍ଡ ଲଗାଯାଇଛି କି ନାହିଁ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ବନ ବିଭାଗ ଏବଂ ରେଳ ବିଭାଗର ଯୁଗ୍ମ ପେଟ୍ରୋଲିଂ ଉପରେ ଆଲୋଚନା ହୋଇଥିଲା । ରେଳ ଟ୍ରାକ ପାର୍ଶ୍ୱରେ ଏବଂ ଅଣ୍ଡରପାସରେ ଲତା ଓ ବୁଦା ସଫେଇ ଉପରେ ଆଲୋଚନା ହୋଇଥିଲା । ହାତୀ ଚଳପ୍ରଚଳ ଅଂଚଳରେ କେବୁଲିଂ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ୧୧ କେଭି ଲାଇନ ତାର ର ଉଚ୍ଚତା ବୃଦ୍ଧି,ବେଆଇନ ହୁକିଂ,ଯୁଗ୍ମ ପେଟ୍ରୋଲିଂ ଉପରେ ଆଲୋଚନା ହୋଇଥିଲା । ସେହିପରି ଖୋଲା ଟ୍ରାନ୍ସଫର୍ମର ଗୁଡିକ ର ସୁରକ୍ଷାବାଡ ବ୍ୟବସ୍ଥା, ଓହଳି ପଡିଥିବା ତାରଗୁଡିକୁ ଚିହ୍ନଟ କରି ତାର ଉଚ୍ଚତା ବଢାଇବା, ବିଦ୍ୟୁତ୍ ଖୁଂଟ ମାନଙ୍କରେ ଗାର୍ଡ ସ୍ପାଇକ ବ୍ୟବସ୍ଥା, ଜିପିଏସ ରିଡିଂ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା । ସେହିପରି ଜାତୀୟ ରାଜପଥରେ ହାତୀ ରାସ୍ତା ଅତିକ୍ରମ କରୁଥିବା ସ୍ଥାନ ଗୁଡିକୁ ଚିହ୍ନଟ କରି ଗାଡିର ବେଗ ନିୟନ୍ତ୍ରଣ ପାଇଁ ରମ୍ବଲର ବ୍ୟବସ୍ଥା ସହ ସାଇନ ବୋର୍ଡ ଲଗାଇବା ନେଇ ଆଲୋଚନା ହୋଇଥିଲା । ସେହିଭଳି ଉକ୍ତ ସ୍ଥାନରେ ସୋଲାର ଲାଇଟ ବ୍ୟବସ୍ଥା କରିବାକୁ ଏନ୍ଏଚ୍ଏଆଇ କୁ ଡିଏଫଓ ନିର୍ଦ୍ଦେଶ ଦେଇଥିଲେ । ବିଜେପି ରେଞ୍ଜର ପୁତୁଲପାଣି,ତେନ୍ତୁଳି, ତେଲକୋଇ ରେଞ୍ଜର ଜଗମୋହନପୁର ନିକଟ ଟୁଙ୍ଗୁରୁବାହାଳ,ଘଟଗାଁ ରେଞ୍ଜର ପିପିଲିଆରେ ଜାତୀୟ ରାଜପଥ ହାତୀ ଅତିକ୍ରମ କରୁଥିବାରୁ ଉକ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଅଧିକ କଡାକଡି କରିବା ନେଇ ଆଲୋଚନା ହୋଇଥିଲା । ରେଳପଥ ଦେଇ ଅତିକ୍ରମ କରୁଥିବା ହାତୀମାନଙ୍କ ସୁରକ୍ଷା ପାଇଁ ଆଲୋଚନା ହୋଇଥିଲା । ଉଭୟ ବିଭାଗ ପକ୍ଷରୁ କରାଯାଉଥିବା ପେଟ୍ରୋଲିଂ ଟ୍ରେନର ବେଗ ନିୟନ୍ତ୍ରଣ, ରେଳ ଟ୍ରାକ ନିକଟରେ ବୁଦା ସଫେଇ ଆଦିର ସ୍ଥିତି ଓ ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା । ଡାଙ୍ଗୁଆପଶି ଠାରେ କଟ୍ରୋଲ ରୁମ ପ୍ରତିଷ୍ଠା ର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା । ଜାତୀୟ ରାଜପଥ ୪୯ ଏବଂ ୨୦ ରେ ହାତୀ ରାସ୍ତା ଅତିକ୍ରମ କରୁଥିବା ସ୍ଥାନରେ ବେଆଇନ ଭାବେ ଗାଡି ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତି ହୋଇଥିଲା । ହାତୀ ରାସ୍ତା ଅତିକ୍ରମ ସ୍ଥାନରେ ବେଆଇନ ଭାବେ ନିର୍ମିତ ହୋଇଥିବା ମେଟାଲ ବ୍ୟାରିକେଡ ଉଚ୍ଛେଦ କରିବାକୁ ନିଷ୍ପତି ହୋଇଥିଲା । ଘଟଗାଁ ରେଞ୍ଜର କୋଳିମାଟି ଏବଂ ଚମ୍ପୁଆ ରେଞ୍ଜର ଅର୍ଶଳାରେ ସାଇନବୋର୍ଡ ଲଗାଇବା ଉପରେ ଆଲୋଚନା ହୋଇଥିଲା । ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅଧିନସ୍ଥ ତେନ୍ତୁଳି ନିକଟରେ ରମ୍ବଲର ଲଗାଇବା ଉପରେ ଆଲୋଚନା ହୋଇଥିଲା । ଏତଦବ୍ୟତୀତ ଏହି ରେଞ୍ଜ ଅଧିନସ୍ଥ ଆଉ କେଉଁ ସ୍ଥାନରେ ହାତୀଙ୍କ ଅବାଧ ଚଳାଚଳ ପାଇଁ ଅଣ୍ଡରପାସ ନିର୍ମାଣ କରିବା ଏବଂ ରମ୍ବଲର ଲଗାଇବା ଉପରେ ଆଲୋଚନା ହୋଇଥିଲା । ଖୋଲା ଟ୍ରାନଫରମର ଫେନସିଂ କାମ ଶୀଘ୍ର ଶେଷ କରିବାକୁ ବିଦ୍ୟୁତ୍ ବିଭାଗ ସହ ଆଲୋଚନା ହୋଇଥିଲା । ହାତୀ ବିଦ୍ୟୁତ୍ ଖୁଂଟରେ ଘଷି ହେଉଥିବାରୁ ବିଦ୍ୟୁତ୍ ଖୁଂଟରେ ଗାର୍ଡ ସ୍ପାଇକ ଲଗାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ହାତୀ ରେଳ ଟ୍ରାକ ନିକଟରେ ରହିଥିଲେ କିମ୍ବା ପାଖ ଆଖ ଜଙ୍ଗଲରେ ଥିଲେ ତୁରନ୍ତ ସତର୍କ ମୂଳକ ଆଦେଶ ଦେବାକୁ ଡିଏଫ୍ଓ ଧନରାଜ ଏଚ୍ଡି ଉପସ୍ଥିତ ରେଞ୍ଜର ମାନଙ୍କୁ କହିଥିଲେ । ଏହି ସମନ୍ୱୟ ବୈଠକରେ ଟାଟା ପାୱାର ନଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିଃ ର ବରିଷ୍ଠ ଅଧିକାରୀଙ୍କ ସମେତ ଏସିଏଫ୍ ଘନଶ୍ୟାମ ମହାନ୍ତ,ଏସିଏଫ୍ ଅଶୋକ କୁମାର ଦାସ,ଏନ୍ଏଚ୍ଏଆଇ ପିଆଇୟୁ,କେନ୍ଦୁଝର ବରିଷ୍ଠ ଇଞ୍ଜିନିୟରଙ୍କ ସମେତ ସମସ୍ତ ରେଞ୍ଜର ରେଞ୍ଜ ଅଧିକାରୀ ଉପସ୍ଥିତ ଥିଲେ ।

ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଣ୍ଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ୱାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାଓ୍ୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପ୍ଲୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

କେନ୍ଦୁଝରରେ ନିର୍ବାଚନ ସାକ୍ଷରତା କ୍ଲବ ବୈଠକରେ ଛାତ୍ରଛାତ୍ରୀମାନଙ୍କ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

କେନ୍ଦୁଝର, (ପି.ଏନ): ଭାରତର ନିର୍ବାଚନ କମିଶନ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକ୍‌ରେଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନ ସାକ୍ଷରତା କ୍ଲବର ବୈଠକ ଚଳିତ ନଭେମ୍ବର ୨୩ ତାରିଖ ବୁଧବାର ଦିନ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ସୁଷମା ବିଲୁଙ୍ଗ ଏହି ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିଷ୍ଣୁ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ କୁମାର ମାଝୀ, ଡେପୁଟି କଲେକ୍ଟର ନିର୍ବାଚନ କିରଣ କୁମାର ନାଏକଙ୍କ ସମେତ ଜିଲ୍ଲା ନିର୍ବାଚନ ସାକ୍ଷରତା କ୍ଲବର ସଦସ୍ୟ/ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ ଏହି ବୈଠକରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନିର୍ବାଚନ ପ୍ରକ୍ରିୟା ସଂପର୍କିତ ସାକ୍ଷରତା ଅତୀବ ମହତ୍ୱପୂର୍ଣ୍ଣ । ନିର୍ବାଚନ ସାକ୍ଷରତା ସଂପର୍କରେ ଜନସଚେତନତା ସୃଷ୍ଟି କରିବାରେ ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଣୁ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଜରିଆରେ ସଚେତନତା ଅଭିଯାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏ ଦିଗରେ ନିର୍ବାଚନ ସାକ୍ଷରତା କ୍ଲବ କ୍ରିୟାଶୀଳ ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଥିଲେ । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିଷ୍ଣୁ ଓ ଡେପୁଟି କଲେକ୍ଟର ନିର୍ବାଚନ କିରଣ କୁମାର ନାଏକ ନିର୍ବାଚନ ସାକ୍ଷରତା କ୍ଲବ ଗଠନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ କାର୍ଯ୍ୟାବଳୀ ସଂପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା, ସଂଶୋଧିତ ଫର୍ମ ପୂରଣ କରି ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବା, ଭୋଟର ଫଟୋ ପରିଚୟ ପତ୍ର ସହିତ ଆଧାର ସଂଯୋଗ କରିବା, ଇଭିଏମ୍ ଓ ଭିଭିପାଟ ମେସିନର ବ୍ୟବହାର, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଭୋଟର ର ଗୁରୁତ୍ୱ ଓ ସେମାନଙ୍କର ଭୋଟ ଦେବାର ଅଧିକାର, ୧୮ ବର୍ଷ ହେବା ପର୍ଯ୍ୟନ୍ତ ଅପେକ୍ଷା ନକରି ୧୭ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ଭୋଟର ତାଲିକାରେ କିପରି ନାମ ପଞ୍ଜିକରଣ କରାଯିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା ।

ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍

ବେଆଇନ କଳାପଥର ପରିବହନ କରୁଥିବା ଗାଡି ଜବତ, ୨ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ଚଡେଇଧରା ନିକଟରୁ ପୁଲିସ ବେଆଇନ ଭାବେ କଳାପଥର ବୋଝେଇ ଏକ ହାଇୱା ଗାଡିକୁ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ ଜେନାପୁର ପୁଲିସ ରାତ୍ରି ପେଟ୍ରୋଲିଂ କରୁଥିବା ବେଳେ ପିଡି-୦୨-ଏଜେ-୨୫୪୪ନଂ ଏକ ହାଇୱା ଗାଡିରେ କଳାପଥର ପରିବହନ ହେଉଥିବା ଦେଖି କାଗଜପତ୍ର ଯାଁଚ କରିଥିଲେ । ତେବେ ଗାଡିରେ ବସିଥିବା ଏକ ଘରୋଇ କମ୍ପାନୀର ସୁପରଭାଇଜର କାଗଜପତ୍ର ଦେଖାଇବାକୁ ଅସମର୍ଥ ହୋଇଥିଲେ । ଫଳରେ ପୁଲିସ ଗାଡିକୁ ଜବତ କରିବା ସହ ନୟାଗଡ ଅଂଚଳର ଗାଡି ଡ୍ରାଇଭର ରଶ୍ମୀରଂଜନ ଦଳବେହେରା (୪୨) ଓ ମଙ୍ଗଳପୁର ଥାନା ସୁଶୁଆ ଗ୍ରାମର ସୁପରଭାଇଜର ସୁନାକର ମହାନ୍ତି (୪୪)ଙ୍କୁ ଗିରଫ କରିଥିଲା । ଏଥିନେଇ ୩୨୬/୨୨ରେ ଏକ କେଶ ରୁଜୁ କରି ଡ୍ରାଇଭର ଓ ସୁପରଭାଇଜରଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

ବ୍ରାହ୍ମଣୀ ପାଣି ଅଟକାଇବା ଯୋଜନା ଫସର ଫାଟିଲା, ବାଲିବନ୍ଧ ଧୋଇନେଲା ପ୍ରଖର ସ୍ରୋତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ବ୍ରାହ୍ମଣୀ ନଦୀ ପାଣିକୁ ଅଟକାଇବା ପାଇଁ ବାଲିବନ୍ଧ କରାଯାଇଥିଲା । ପାଣି ରୋକା ଯାଇଥିଲେ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ବାଲିଘାଟ କରାଯାଇ ବାଲିଲୁଟ୍ ହୋଇଥାନ୍ତା । ହେଲେ ବାଲିଘାଟ ଚାଲିବା ପୂର୍ବରୁ ବ୍ରାହ୍ମଣୀର ପ୍ରଖର ସ୍ରୋତ ବାଲିବନ୍ଧକୁ ଧୋଇନେଲା । ଫଳରେ ବାଲିଘାଟ ପାଇଁ ବ୍ରାହ୍ମଣୀ ପାଣି ଅଟକାଇବା ଯୋଜନା ଫସର ଫାଟିଛି । ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ୧୨ବର୍ଷ ହେଲା ବ୍ରାହ୍ମଣୀ ବଂଚାଅ ଆନ୍ଦୋଳନ ଜାରି ରହିଛି । ଏହି ସମୟରେ ବ୍ରାହ୍ମଣୀ ପାଣିକୁ ଅଟକାଇ ବାଲିବନ୍ଧ କରିବାକୁ କିଏ ଅନୁମତି ଦେଲା, ଏହାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ପ୍ରକାଶ ଯେ, ପୂର୍ବରୁ ଧର୍ମଶାଳା ତହସିଲ ଅଧୀନରେ ଥିବା ଗୋକର୍ଣ୍ଣେଶ୍ୱର ବାଲିଘାଟ ଏବେ ରସୁଲପୁର ତହସିଲ ଅଧୀନରେ ରହିଛି । ବର୍ତମାନ ବ୍ରାହ୍ମଣୀରେ ପାଣି ପ୍ରବାହିତ ହେଉଥିବାରୁ ବାଲି ଉତୋଳନ କରିବାରେ ବାଧା ଉପୁଜୁଛି । ଫଳରେ ବାଲିଘାଟ ଚଳାଇବା ପାଇଁ ଏକ ପୋକଲିନ୍ ମେସିନ୍ ସାହାଯ୍ୟରେ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ନଦୀଗର୍ଭରେ ଓଡ଼ଙ୍ଗ ଗାଁ ପର୍ଯ୍ୟ' ପ୍ରାୟ ୩୦୦ମିଟର ଲମ୍ବର ଏକ ବାଲିବନ୍ଧ କରାଯାଇଥିଲା । ଯାହା ଏକ ନିୟମବିରୁଦ୍ଧ କାର୍ଯ୍ୟ ବୋଲି ଅଭିଯୋଗ ହୋଇଥିଲା । ତେବେ ବାଲିବନ୍ଧ ନିର୍ମାଣର ଦୁଇଦିନ ପରେ ବ୍ରାହ୍ମଣୀର ପ୍ରଖର ସ୍ରୋତ ଏହାକୁ ଧୋଇ ନେଇଥିଲା । ବ୍ରାହ୍ମଣୀ ପାଣିକୁ ଅଟକାଇବା ପାଇଁ ବାଲିବନ୍ଧ କରାଯିବା ଓ ଏହାକୁ ପାଣିସୂଅ ଧୋଇନେବା ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏପଟେ ବାଲିବନ୍ଧ ଯୋଗୁ ବ୍ରାହ୍ମଣୀ ତଳ ଅଂଚଳକୁ ପାଣି ପ୍ରବାହିତ ବନ୍ଦ ହୋଇଯାଇଥିଲା । ଯାହାକୁ ନଦୀ ତଟବର୍ତୀ ଅଂଚଳବାସୀ ତୀବ୍ର ବିରୋଧ କରିଥିଲେ । ପୂର୍ବରୁ ବ୍ରାହ୍ମଣୀ ସେତୁ ନିକଟରୁ ବିପୁଳ ପରିମାଣର ବାଲି ଉତୋଳନ କରାଯିବା ଯୋଗୁ ୨ଟି ସେତୁପ୍ରତି ବିପଦ ସୃଷ୍ଟି ହୋଇଥିଲା । ଏବେ ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ପାଇଁ ଆଉ ଏକ ସେତୁ ନିର୍ମାଣ କରାଯାଇଛି । ଏଠାରୁ ବାଲି ଉତୋଳନ କରାଗଲେ ନିକଟରେ ଥିବା ୩ଟି ସେତୁ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ସୃଷ୍ଟି ହୋଇଛି । ତୁରନ୍ତ ଏହି ବାଲିଘାଟ ନିଲାମକୁ ବାତିଲ କରିବାପାଇଁ ବ୍ରାହ୍ମଣୀ ଉପରେ ନିର୍ଭର କରୁଥିବା ୧୦ରୁ ଅଧିକ ପଂଚାୟତବାସୀ ରାଜସ୍ୱମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତିଲେ ଛାତ୍ର, ବିଧାୟକ ଦେଲେ ନୂତନ ସାଇକେଲ

ବୟାଳିଶମୌଜା (ପିଏନ୍): ବୟାଳିଶମୌଜା ଗୋବିନ୍ଦପୁର ନିବାସୀ ଗଣେଶ୍ୱର ସ୍ୱାଇଁଙ୍କ ପୁତ୍ର ସୌମ୍ୟରଂଜନ ସ୍ୱାଇଁ ବିଦ୍ୟାଳୟରୁ ନିଜ ଗରକୁ ଫେରୁଥିବା ସମୟରେ ବେଂଟକାର ଷ୍ଟେଟବ୍ୟାଙ୍କ ଛକ ନିକଟରେ ମୋ ବସ ସହିତ ଧକ୍କା ହୋଇ ଗୁରୁତର ଆହତ ହୋଇଥିଲେ । ବେଂଟକାର ସରସ୍ୱତୀ ଶିଶୁ ମନ୍ଦିରର ଷଷ୍ଠ ଶ୍ରେଣୀର ଛାତ୍ର ସୌମ୍ୟରଂଜନ ବିଦ୍ୟାଳୟରୁ ନିଜ ସାଇକେଲରେ ଘରକୁ ଫେରିବା ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ମୋ ବସ ସାଇଡ ମାରିବାରୁ ସୌମ୍ୟରଂଜନ ସାଇକେଲରୁ ତଳେ ପଡିଯାଇଥିଲେ । ମୋ ବସ ସାଇକେଲ ଉପରେ ଚଢି ଯାଇଥିଲା । ସ୍ଥାନୀୟ ଯୁବକମାନେ ବସକୁ ଅଟକାଇବା ସହିତ ସେହି ସ୍ଥାନରେ ଉତେଜନା ଦେଖାଯାଇଥିଲା । ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ବେଂଟକାର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସୌମ୍ୟରଂଜନଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା । ବୟାଳିଶମୌଜାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା କଟକସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଖବରପାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହିତ ଆଶୁ ଚିକିତ୍ସାର ବନ୍ଦୋବସ୍ତ କରିଥିଲେ । ଦୁର୍ଘଟଣାରେ ସୌମ୍ୟରଂଜନଙ୍କର ସାଇକେଲଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଏକ ନୂତନ ସାଇକେଲ କ୍ରୟ କରିବା ପାଇଁ ସୌମ୍ୟରଂଜନଙ୍କ ପିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏକ ବହୁତ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତିଯାଇଥିବା ସୌମ୍ୟରଂଜନଙ୍କ ପରିବାର ତଥା ଗୋବିନ୍ଦପୁରବାସୀ ବିଧାୟକଙ୍କର ଏଭଳି ପଦକ୍ଷେପ ପାଇଁ ସାଧୁବାଦ ଦେଇଛନ୍ତି ।

ତିରୁପତି ତିରୁମାଲା ଦେବସ୍ଥାନ ମନ୍ଦିରରେ ଗୀତା ପାରାୟଣ ପାଠ

ଭୁବନେଶ୍ୱର (ପିଏନ୍): ଜୟଦେବ ବିହାର ସ୍ଥିତ ତିରୁପତି ତିରୁମାଲା ଦେବସ୍ଥାନ ମନ୍ଦିରରେ ଦୈନିକ ସନ୍ଧ୍ୟା ସମୟରେ ଗୀତା ପାରାୟଣ ପାଠ ଅନୁଷ୍ଠିତ ହେଉଅଛି । ଏହି ଗୀତା ପାରାୟଣ ପାଠ ୧୮ ଦିନ ଧରି ଚାଲିବ । ମନ୍ଦିର ପରିଚାଳନା ଅଧ୍ୟକ୍ଷ ସୂର୍ଯ୍ୟନାରାୟଣଙ୍କ ତ୍ୱାବଧାନରେ ଅନୁଷ୍ଠିତ ହେଉଅଛି । ଶ୍ରୀ ଡି. ସେସୁକୁମାର ସ୍ୱାମୀ ପ୍ରତିଦିନ ସନ୍ଧ୍ୟାରେ ଭକ୍ତଙ୍କ ଗହଣରେ ଗୀତା ପାରାୟଣ ପାଠ ପରିବେଷଣ କରୁଛନ୍ତି ।

ରାସ୍ତା ମରାମତି ସ୍ଥାନରେ ବଢୁଛି ମୃତ୍ୟୁହାର

ରାଜ୍ୟରେ ୧୦ ବର୍ଷରେ ୪୫ ହଜାର ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଏଥିରୁ ୭୦% ଅର୍ଥାତ୍ ପ୍ରାୟ ୩୧,୫୦୦ (୭୦%) ଜଣ ଯୁବ ବର୍ଗର । ଏମାନେ ସେମାନଙ୍କର ପରିବାରର ରୋଜଗାରକ୍ଷମ ସଦସ୍ୟ ଥିଲେ । ରାଜ୍ୟରେ କୋଭିଡ୍ ଆଦି କାରଣରୁ ମୃତ୍ୟୁକୁ ନେଇ ହଇଚଇ ହେଉଥିବାବେଳେ ସଡ଼କ ଦୁର୍ଘଟଣା ଜନିତ ଏହି ପରିସଂଖ୍ୟାନ ହୃଦୟ ଥରାଇ ଦେବାଭଳି । ଆହୁରି ବଡ଼ କଥା ହେଉଛି, କେବଳ ୨୦୨୧ ମସିହାରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ୫୦୦ ଲୋକ ଜୀବନ ହରାଇଛନ୍ତି । ଏସବୁ ପରିସଂଖ୍ୟାନ କୌଣସି ଘରୋଇ ସଂସ୍ଥାର ନୁହେଁ । ବରଂ ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ପରିବହନ ବିଭାଗ ଓ ପୁଲିସ ସରକାରଙ୍କୁ ଏହି ତଥ୍ୟ ପ୍ରଦାନ କରିଛନ୍ତି । ଉଦବେଗର ବିଷୟ ହେଉଛି, ସବୁ ବର୍ଷ ସମସ୍ତେ ଦୁର୍ଘଟଣାକୁ ନେଇ ଏମିତି ଚିନ୍ତାପ୍ରକଟ କରୁଛନ୍ତି ଯେସା କରିଦେବୁ, ତେସା କରିଦିଆଯିବ ଏମିତି ସବୁ ଆଲୋଚନା ହେଉଛି, ଯାହାର ପୁନରାବୃତ୍ତି ଏ ବର୍ଷ ବି ଘଟିଲା । ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଦୁର୍ଘଟଣାର ଅନେକ କାରଣ ମଧ୍ୟରୁ ପ୍ରମୁଖ କାରଣଗୁଡ଼ିକୁ ନେଇ ନିକଟ ଅତୀତରେ ସେଭଳି କୌଣସି ବିଶେଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନାହାନ୍ତି । ଦ୍ରୁତଗାଡ଼ି ଚାଳନା ପୁରା ବନ୍ଦ ହୋଇପାରିନାହିଁ, ବା ସେ ଦିଗରେ ସରକାରଙ୍କ କଠୋରତା ଦେଖିବାକୁ ମିଳିନାହିଁ । ରାଜ୍ୟ ସରକାର ନିଶା କାରବାରକୁ ପୁରା ନିଷିଦ୍ଧ କରିନାହାନ୍ତି । ମାସ ମାସ ଧରି ଜାତୀୟ ରାଜପଥରେ ଭଙ୍ଗାଗଢ଼ା ଚାଲିଥିବାବେଳେ ଏହାକୁ କିଭଳି ସମୟସୀମା ମଧ୍ୟରେ ଶେଷ କରାଯିବ, ସେ ସମୟରେ ବିକଳ୍ପ ରାସ୍ତା ପାଇଁ କି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ ସେ ସବୁ ସମ୍ପର୍କରେ ପରିବହନ ବିଭାଗ କିମ୍ବା ପୁଲିସ କେହି କିଛି କହିନାହାନ୍ତି । ରାସ୍ତା କଡ଼ରେ ଅଧିକରୁ ଅଧିକ ଟ୍ରମା କେୟାର ଖୋଲିବା ଲାଗି ଉଦ୍ୟମ ହୋଇନାହିଁ ।

ସରକାରଙ୍କ ପରିସଂଖ୍ୟାନ କହୁଛି ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି । ପୁଲିସ ଓ ପରିବହନ ବିଭାଗ କେବଳ ଜରିମାନା ଆଦାୟରେ ମାତିଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିନ୍ତୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି । ଏପରିକି ଗତ ବର୍ଷ ଜାନୁଆରୀରୁ ଜୁନ ତୁଳନାରେ ଚଳିତବର୍ଷ ଏହି ସମୟରେ ୧୧% ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି । ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଖରାପ ରାସ୍ତା ଡିଜାଇନିଂ, ଖାଲଖମା ଭର୍ତ୍ତି ରାସ୍ତା, ରାସ୍ତାକଡ଼ରେ ଜବରଦଖଲ, ସଡ଼କ ସୁରକ୍ଷା ନେଇ ସଚେତନତା ଅଭାବ, ଜରୁରୀକାଳୀନ ଚିକିତ୍ସା ଅଭାବ, ସର୍ବୋପରି ନିଶା ସେବନ କରି ଗାଡ଼ିଚାଳନା । ମିଳିଥିବା ସୂଚନା ଅନୁସାରେ, ଏହି ବୈଠକରେ ନିଜେ ପୁଲିସ ଡିଜି ସୁନୀଲ ବଂଶଲ ଉଦବେଗର ସହ କହିଥିଲେ ଯେ ୨୦୨୧ରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ପ୍ରାୟ ୫୦୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଏହାର ପ୍ରମୁଖ କାରଣ ହେଉଛି ରାସ୍ତା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କି ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ନେଇନାହାନ୍ତି । ତେଣୁ ଏଣିକି ଅଧିକାରୀ ଓ ସଂସ୍ଥାଙ୍କ ଅବହେଳାକୁ ଗ୍ରହଣ କରାଯିବନାହିଁ । ଯଦି ରାସ୍ତା ମରାମତି, ନିର୍ମାଣ ହେଉଥିବା ସ୍ଥାନରେ କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ହୁଏ ତେବେ ମୋଟ ଯାନ ଆଇନ ଅନୁସାରେ ଇଞ୍ଜିନିୟର, ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ହେଲେ ନିର୍ଦ୍ଦିଷ୍ଟ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କିଏ ପଦକ୍ଷେପ ନେବେ, ସେ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି ହୋଇନାହିଁ । ଏହାସହ ପୁଲିସ ଡିଜି ଏକଥା ବି କହିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ, ପୁଲିସ ପ୍ରଥମେ ଆହତଙ୍କ ପାଖରେ ପହଞ୍ଚିଥାଏ । ତେଣୁ ପୁଲିସକୁ ନିୟମିତ ପ୍ରଶିକ୍ଷଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଉପକରଣ ଯୋଗାଇବା ଦରକାର । ଏହା ମିଳିଲେ ହିଁ ଆମେ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିୟମିତ ଜାରି ହେଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାମ କରିପାରିବୁ । ବୈଠକରୁ ମିଳିଥିବା ତଥ୍ୟ ଆହୁରି କହୁଛି ଯେ, ବହୁ ଅଣପ୍ରାପ୍ତ ବୟସ୍କ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି । ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏକଥା ଏଥର କେବଳ ନୁହେଁ, ସବୁ ବୈଠକରେ ଚର୍ଚ୍ଚା ହେଉଛି । ଅନେକ ଥର ସରକାର ନିର୍ଦ୍ଦେଶ ଦେଇଛନ୍ତି ଧରପଗଡ଼ କର । ହେଲେ ଅନୁପାଳନ ହେଉନାହିଁ । ଆଦୌ ନିର୍ଦ୍ଦେଶନାମା ମାନୁନଥିବା ଅଧିକାରୀଙ୍କ ବିରୋଧରେ ବି କୌଣସି ଦଣ୍ଡବିଧାନ ହୋଇନାହିଁ । ସ୍ପଷ୍ଟ ଭାବେ କହିଲେ ନିୟମ ଉଲ୍ଲଂଘନକାରୀ, ବେପରୁଆ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ନିୟମ ହୋଇଥିଲେ ବି ତାହା କଡ଼ାକଡ଼ି ଲାଗୁ ହେଉନି । ଏଠାରେ ପ୍ରକାଶ ଥାଉକି ଚଳିତବର୍ଷ ଜାନୁଆରିରୁ ଜୁନ ମଧ୍ୟରେ ୫,୨୧,୪୪୯ ଜଣ ଟ୍ରାଫିକ ଉଲ୍ଲଂଘନକାରୀ ପୁଲିସ ଦ୍ୱାରା ଧରାପଡ଼ିଥିବାବେଳେ ଏଥିରୁ ମାତ୍ର ୪.୪୬% ଅର୍ଥାତ୍ ୨୩,୨୯୪ ଜଣଙ୍କ ଲାଇସେନ୍ସ ବାତିଲ ପାଇଁ ଆରଟିଓ ଗୁଡ଼ିକୁ ପଠାଯାଇଛି । ସେହିପରି ଏହି ସମୟରେ ସଡ଼କ ସୁରକ୍ଷା ଉଲ୍ଲଂଘନ ନେଇ ଆରଟିଓଗୁଡ଼ିକ ୧୨୯୭୯୪ଟି ଇ-ଚାଲାଣ କରିଥିବାବେଳେ ଏଥିରୁ ମାତ୍ର ୧୯.୨% ଅର୍ଥାତ୍ ୨୪୬୯୨ଟି ଲାଇସେନ୍ସ ବାତିଲ କରାଯାଇଛି । ବହୁ ଲାଇସେନ୍ସ ତିନି ମାସ ପାଇଁ ବାତିଲ ହେବା ପରେ ବି ଉକ୍ତ ଲାଇସେନ୍ସଧାରୀ ଏହି ସମୟରେ ଗାଡ଼ି ଚଳାଉଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ ହେଉଛି ସେଗୁଡ଼ିକ ପୁଲିସ ଓ ଆରଟିଓର ଇ-ଚାଲାଣ ସହ ସଂଯୋଗ କରିବା ତଥା ପୁଲିସକୁ ଦେବାକୁ ସ୍ଥିର ହୋଇଛି । ସେହିପରି ଶୀତଋତୁରେ ରାତିରେ ଘନ କୁହୁଡ଼ି ଯୋଗୁଁ ଅଧିକ ଦୁର୍ଘଟଣା ହେଉଥିବାରୁ ଏହାର ପ୍ରତିକାର ପାଇଁ ବ୍ୟାକଲାଇଟ ଓ ରିଫ୍ଲେକେଟିଭ ଟେପ ଲଗାଉଥିବା ଗାଡ଼ି ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି । ଏହା ଚଳିତ ମାସରୁ କଡ଼ାକଡ଼ି ଲାଗୁ ହେବ । ରାସ୍ତା ଉପରେ ବସ, ଟ୍ରକ ଭଳି ବଡ଼ ଗାଡ଼ି ପାର୍କିଂ ନକରିବାକୁ ବସ ଓ ଟ୍ରକ ମାଲିକ ସଂଘକୁ କୁହାଯାଇଛି । ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହା ସମଗ୍ର ଭାରତରେ ସବୁ ରାଜ୍ୟଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ରାଜ୍ୟ ।

-ନାଟ୍ୟସାରଥି ଅଭୟ କୁମାର ଦାସ

ଗୋଡରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

ରାଜ୍ୟରେ ଫସଲବୀମା ନମିଳିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ଦାୟୀ

ଭୁବନେଶ୍ୱର (ପିଏନ୍): ପଶ୍ଚିମ ଓଡିଶାର ବରଗଡ, ପଦ୍ମପୁର ଆଦି ଅଞ୍ଚଳରେ ଚାଷୀମାନେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇ ଆସୁଥିଲେ ସୁଦ୍ଧା ସରକାରଙ୍କ ନିଦ ଭାଙ୍ଗୁ ନଥିଲା । ଏବେ ପଦ୍ମପୁର ଉପନିର୍ବାଚନ ଦୃଷ୍ଟିରୁ ବିଜେଡି ଓ ବିଜେଡି ଉଭୟେ ପରସ୍ପରକୁ ଦାୟୀ କରି ଚାଷୀମାନଙ୍କୁ ଭଣ୍ଡାଇବାକୁ ଉଦ୍ୟମ କରୁଛନ୍ତି । ଫସଲ ବୀମା ରାଶି ଚାଷୀଙ୍କୁ ନ ମିଳିବା ପାଇଁ ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଦୋଷୀ । ନରେନ୍ଦ୍ରମୋଦୀ ସରକାର କ୍ଷମତାକୁ ଆସିଲା ପରେ ୨୦୧୬ ମସିହାରେ ଘରୋଇ ବୀମା କମ୍ପାନୀକୁ ପ୍ରବେଶ କରାଇ ଏହାକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରଖିଲେ । ରାଷ୍ଟ୍ରାୟତ ବୀମା କମ୍ପାନୀ ଗୁଡିକୁ ସ୍ଥାଣୁ କରିଦେଲେ । ଫସଲବୀମା ଯୋଜନା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ନିଜର ମନ ମୁତାବକ କମ୍ପାନୀ ଚୟନ କରିବେ । ଏହି ଯୋଜନାରେ ବୀମା ପ୍ରିମିୟମ ବାବଦକୁ ହିତାଧିକାରୀ କୃଷକ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଅର୍ଥରାଶି ବହନ କରିବେ । ଏହି ଯୋଜନା ପ୍ରଣୟନ ହେବାର ଛଅ ବର୍ଷ ପରେ ସରକାରୀ ତଥ୍ୟ ଏବଂ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଦେଶରେ ଘରୋଇ ବୀମା କମ୍ପାନୀମାନେ ସମଗ୍ର ଅର୍ଥକୁ ଲୁଟ କରୁଛନ୍ତି । ନିକଟରେ ଏକ ତଥ୍ୟ ପ୍ରକାଶ ପାଇଛି ଯେ ବିନା ପୁଞ୍ଜି ବିନିଯୋଗରେ ଏହି କମ୍ପାନୀମାନେ ୪୦୦୦୦ କୋଟି ଟଙ୍କା ହଡପ କରିଛନ୍ତି । ଓଡିଶା ସମେତ କୌଣସି ରାଜ୍ୟରେ ଚାଷୀ ଏହାର କୌଣସି ସୁବିଧା ପାଉନାହାଁନ୍ତି । ଏହାର ପରିଣାମ ସ୍ୱରୂପ ବିଜେପି ଶାସିତ ଗୁଜୁରାଟ ସମେତ ୧୦ ରୁ ଉର୍ଦ୍ଧ୍ୱ ରାଜ୍ୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ହୋଇଥିବା ଚୁକ୍ତିରୁ ଓହରିବା ଆରମ୍ଭ କରିଛନ୍ତି ।

କେନ୍ଦ୍ର ସରକାର ସ୍ଥିର କରିଥିବା ହାତ ଗଣତି କିଛି କମ୍ପାନୀ ମଧ୍ୟରୁ ଘରୋଇ ବୀମା କମ୍ପାନୀମାନଙ୍କୁ ଓଡିଶାରୁ ହଟାଇବା ସହ ଖିଲାପି କମ୍ପାନୀଗୁଡିକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସି.ପି.ଆଇ.(ଏମ୍) ପକ୍ଷରୁ ଦାବୀ କରାଯାଇଛି । କିନ୍ତୁ ଓଡିଶାରେ ଘରୋଇ ବୀମା କମ୍ପାନୀର ବ୍ୟବସାୟ ଚାଲୁ ରହିଛି । ଓଡିଶାର ଚାଷୀ ବହୁଳ ଅଞ୍ଚଳ ପଦ୍ମପୁର ସମେତ ସମଗ୍ର ରାଜ୍ୟରେ କ୍ଷତିଗ୍ରସ୍ତ ଚାଷୀମାନେ ବୀମା ରାଶି ପାଉନାହାଁନ୍ତି । ରାଜ୍ୟ ସରକାରଙ୍କ ଟେକନିକାଲ ଟିମ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେଲା ପରେ ବୀମା କମ୍ପାନୀ ଚାଷୀଙ୍କୁ ଏହି ବୀମା ରାଶି ପୈଠ କରିବା ପାଇଁ ନିୟମ ରହିଛି । ଜିଲ୍ଲା ସ୍ତରର ବିବାଦ ଫଇସଲା ପାଇଁ ଜିଲ୍ଲାପାଳ ନୋଡାଲ ଏଜେନ୍ସି ଭାବେ କାମ କରିବେ । ମାତ୍ର ଅଧିକାଂଶ ସ୍ଥାନରେ ସଠିକ୍ ସମୟରେ କ୍ଷୟକ୍ଷତିର ସର୍ଭେ ନହେବା, ସଠିକ ସମୟରେ କ୍ଷୟକ୍ଷତି ଆକଳନ ରିପୋର୍ଟ ସ୍ଥିର ନ ହୋଇପାରିବା ଇତ୍ୟାଦି ପ୍ରଶାସନିକ ସ୍ଥାଣୁତା ସାଙ୍ଗକୁ ବୀମା କମ୍ପାନୀମାନଙ୍କର ବ୍ୟ

ମୋ ସହର

କେନ୍ଦ୍ରାପଡାରେ ଶ୍ରୀସତ୍ୟସାଇବାବାଙ୍କ ୯୭ତମ ଜନ୍ମୋତ୍ସବ ପାଳିତ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସହରର ମୀରପାଟଣାସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ଶ୍ରୀ ସତ୍ୟସାଇବାବାଙ୍କ ୯୭ତମ ପବିତ୍ର ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରାତଃରେ ନଗର କୀର୍ତ୍ତନ, ପ୍ରସାନ୍ତି ଧୂଜା ଉତ୍ତୋଳନ, ଷୋଡଶ ଉପଚାରରେ ପୂଜନ, ଭଜନ, ସତସଙ୍ଗ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି । ଏହାପରେ ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିର ଓ ବାଳବିକାଶ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କେଳକଟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଆରତୀ, ନାରାୟଣ ସେବା, ବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର ସହଯୋଗରେ ସାଇ ସଂଜିବନୀ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୪୨ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସନ୍ଧ୍ୟାରେ ୯୭ଗୋଟି ପ୍ରଦୀପ ପ୍ରଜ୍ୱଳନ ସହ ବାବାଙ୍କ ଝୁଲଣ, ଭଜନ, ନୃତ୍ୟ ଓ ବାବାଙ୍କ ଜୀବନଯାତ୍ରା ଏବଂ ସେବା ଉପରେ ସମିତିର ଆବାହକ ନୃସିଂହ ଚରଣ ତ୍ରିପାଠୀଙ୍କ ଦ୍ୱାରା ଏକ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି ପବିତ୍ର କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳି ସେଠୀ, ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିର ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷିକା, ପ୍ରାକ୍ତନ ଜିଲ୍ଲା ସଭାପତି ରାମଚନ୍ଦ୍ର ସ୍ୱାଇଁ, ପ୍ରବୋଧ କୁମାର ରାଏ, ଜିଲ୍ଲା ସଭାପତି ରାଧାକୃଷ୍ଣ ସାହୁ, ପ୍ରଭାତ ଦାସଙ୍କ ସମେତ ଶତାଧିକ ସାଇ ଶ୍ରଦ୍ଧାଳୁ ଭାଇଭଉଣୀମାନେ ଯୋଗଦେଇଥିଲେ । ରକ୍ତଭଣ୍ଡାର ଅଧିକାରୀ ଡା. ମାନସ କୁମାର ଜେନା,କର୍ମଚାରୀ ରାକେଶ କୁମାର ମିଶ୍ର, ମନୋଜ ଦାସ ଓ ରାଜୀବ ଲେଙ୍କା ପ୍ରମୁଖ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସ୍ୱର୍ଗତ ସାଧୁଚରଣ ପତ୍ରୀଙ୍କ ସ୍ମୃତିରେ ତାଙ୍କ ଜ୍ୟେଷ୍ଠାକନ୍ୟା ଅନ୍ନପୂର୍ଣ୍ଣା ଦେବୀ ସାଇ ମନ୍ଦିର ପରିସରରେ ପାନୀୟ ଜଳର ବ୍ୟବସ୍ଥା କରିଥିବା ବେଳେ ଏହାକୁ ଧର୍ମଶାଳାର ସବ୍‌ରେଜିଷ୍ଟାର ମହେନ୍ଦ୍ର କୁମାର ସାହୁ ସାଇଭକ୍ତଙ୍କ ଉଦେଶ୍ୟରେ ଉଦଘାଟନ କରିଥିଲେ ।

ବାଲ୍ୟବିବାହ ରୋକିବା ପାଇଁ ସଚେତନତା ରଥ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାରେ ଚଳିତ ମାସ ୧୮ ତାରିଖ ଠାରୁ ୨୪ ତାରିଖ ୭ ଦିନ ପର୍ଯ୍ୟନ୍ତ ପ୍ରତି ବ୍ଲକ ରେ ବାଲ୍ୟବିବାହ ରୋକିବା ପାଇଁ ଏକ ସଚେତନତା ରଥ ଘୁରିବୁଲୁଛି,ଯାହାର ନାରା ବାଲ୍ୟବିବାହ ରୋକିବା ଏବଂ ସମସ୍ତେ ବିଦ୍ୟାଳୟ କୁ ଯିବାଥିଲା ! ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ ୧୮ ତାରିଖ ଦିନ ମାଲକାନଗିରି ବ୍ଲକ ରୁ ଆରମ୍ଭ ହୋଇଥିଲା,୧୯ ତାରିଖରେ ମାଥିଲି ବ୍ଲକ,୨୦ତାରିଖରେ ଖଇରପୁଟ ବ୍ଲକ,୨୧ ତାରିଖରେ ଚିତ୍ରକୋଣ୍ଡା ବ୍ଲକ,୨୨ତାରିଖରକୋରୁକୋଣ୍ଡା ବ୍ଲକ,୨୩ ତାରିଖରେ କାଲିମେଳା ବ୍ଲକ ଏବଂ ୨୪ ତାରିଖରେ ପଡିଆ ବ୍ଲକ ରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବ, ଆଜି ଦିନ ୧୦ ଘଟିକା ସମୟରେ ଉକ୍ତ ସଚେତନତା ରଥ ଆସି କାଲିମେଳା ବ୍ଲକ ରେ ପହଂଚିବା ପରେ ଏହାକୁ ସବୁଜ ପତାକା ଦେଖାଇ କାଲିମେଳା ବିଡିଓ ଉମାଶଙ୍କର ଦଳେଇ ସ୍ୱାଗତ କରିଥିଲେ !ଏହି କାର୍ଯ୍ୟକ୍ରମ ରେ କାଲିମେଳା ସିଡିପିଓ ଅର୍ନପୂର୍ଣ୍ଣା ବୁରୁଦାଙ୍କ ତତ୍ତ୍ୱାବଧାନରେ ସମସ୍ତ ସୁପରଭାଇଜର ଏବଂ ଏସ ଏଚ ଜି ଗ୍ରୁପ ର ମାଆ ମାନେ ରହି କାର୍ଯ୍ୟ ସମ୍ପାଦନ କରିଥିଲେ, ଏହି ଗାଡି କାଲିମେଳା ବ୍ଲକ ର ବିଭିନ୍ନ ଅଂଚଳ ଯଥା କାଲିମେଳା, ନାଲାଗୁଣ୍ଡି, ମାନ୍ୟମକୋଣ୍ଡା , ଟିଗଲ,ଲୁଗେଲ ଏବଂ ମାଲାଭରମ ପଂଚାୟତର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା ।

ପୋଖରୀରେ ବୁଢ଼ି ଦାଦା ପୁତୁରା ମୃତ : ପୋଲିସର ତଦନ୍ତ ଜାରି

ଧର୍ମଶାଳା, (ପି.ଏନ): ପୋଖରୀରେ ମାଛ ଚୋରି କରିବା ହେଲା କାଳ । ରାତି ଅଧରେ ପୋଖରୀରେ ବୁଢ଼ି ଦାଦା ପୁତୁରା ମୃତ । ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ସଦର ଥାନା ରସୁଲପୁର ବ୍ଲକ ଅନ୍ତର୍ଗତ ଅର୍ଥଙ୍ଗା ପଂଚାୟତ ଅଳପୁଆ ଗାଁ ପୋଖରୀରେ । ମୃତ ଦୁଇ ଜଣ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ସାମନ୍ତରାପୁର ପଂଚାୟତ ରସୁଣା ଗ୍ରାମର ବାବାଜି ମଲିକଙ୍କ ପୁଅ ଅନାମ(୫୫) ଓ ସନାତନ ମଲିକଙ୍କ ପୁଅ ସୁକଦେବ(୩୨) ବୋଲି ଜଣାପଡିଛି । ସିଲିଥିବା ସୂଚନା ମୁତାବକ, ସୋମବାର ଦିନ ସନ୍ଧ୍ୟା ୭ଟା ସମୟରେ ଅଳପୁଆ ଗ୍ରାମର ପ୍ରଶାନ୍ତ ମଲିକ ଅନାମ ଓ ବାବାଜିଙ୍କୁ ପୋଖରୀରେ ମାଛ ଧରିବା ପାଇଁ ଡାକିଥିଲେ । ଦୁହେଁ ସାଇକେଲ ଯୋଗେ ରାତିରେ ଅଳପୁଆସ୍ଥିତ ଗାଁ ପୋଖରୀରେ ମାଛ ଧରିବା ପାଇଁ ଜାଲ ନେଇ ଆସିଥିଲେ । ବିଳମ୍ବିତ ରାତିରେ ପୋଖରୀ ନିକଟରେ ଥିବା ଗାଁ ଲୋକେ ପୋଖରୀରୁ ମାଛ ଚୋରି ହେବା ଘଟଣା ଜାଣି ପାରି ଗାଁ ଲୋକେ ଟ୍ରଚ ମାରିଥିଲେ । ଫଳରେ ଘଟଣାସ୍ଥଳରୁ ପ୍ରଶାନ୍ତ ଫେରାର ହୋଇଯାଇଥିଲା । ପରେ ଅନାମ ଓ ସୁକଦେବ ଭୟରେ ଗଭୀର ପାଣି ଭିତରରେ ରହି ଯାଇଥିଲେ । ତିନି ଦିନ ନିଖୋଜ ହେବା ପରେ ପରିବାର ଲୋକେ ଯାଜପୁର ସଦର ଥାନାରେ ନିଖୋଜ ହୋଇଯିବା ନେଇ ଏତଲା ଦେଇଥିଲେ । ଫଳରେ ଆଜି ପୂର୍ବାହ୍ନରେ ପୋଖରୀରେ ଦୁଇଟି ମୃତ ଦେହ ଭାସୁଥିବା ଗ୍ରାମବାସୀ ଦେଖି ସଦର ଥାନାକୁ ଖବର ଦେଇଥିଲେ । ପୁଲିସ ବରୀ ଅଗ୍ନିଶମ ବିଭାଗର ସହାୟତା ନେଇଥିଲେ । ଅଗ୍ନିଶମ ବିଭାଗ ପାଣି ଭିତରୁ ଦୁହିଁଙ୍କ ମୃତ ଦେହ ଉଦ୍ଧାର କରି ତଦନ୍ତ ଜାରି ରଖିଛି । ଶବ ବ୍ୟବଚ୍ଛେଦ ନିମନ୍ତେ ମୃତ ଦେହ ଦୁଇଟିକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି । ଅନ୍ୟ ପକ୍ଷେ ପ୍ରଶାନ୍ତ ପୋଖରୀ ନିକଟରୁ ସାଇକେଲ ନେଇ ରସୁଣା ଗ୍ରାମକୁ ଯାଇଥିଲେ । ସେଠାରେ ଦୁହେଁ ଘରକୁ ଆସିଛନ୍ତି ବୋଲି ପଚାରିଥିଲା । ପରିବାର ଲୋକ ପ୍ରଶାନ୍ତଙ୍କୁ ସନ୍ଦେହ କରି ଥାନାରେ ଖବର ଦେଇଥିଲେ । ପୁଲିସ ଅଳପୁଆ ଗ୍ରାମରୁ ପ୍ରଶାନ୍ତକୁ ଥାନାକୁ ନେଇ ପଚରାଉଚୁରା କରିବା ସହ ଅଟକ ରଖିଛି । ଏହି ଘଟଣା ତଦନ୍ତ ଚାଲିଛି, ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବା ଏବଂ ଅଳପୁର ଗ୍ରାମ ପୋଖରୀରୁ ୩ ଜଣ ମାଛ ଚୋରି କରିବା ପାଇଁ ଆସିଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ କହିଥିବା ସଦର ଥାନା ଅଧିକାରୀ କହିଛନ୍ତି ।

ଶ୍ରମିକ ସମସ୍ୟା ପାଇଁ ରାଜ୍ୟପାଳଙ୍କୁ ଭେଟିଲେ ଶ୍ରମିକ ନେତା

କେନ୍ଦ୍ରାପଡ଼ା, (ପି.ଏନ): ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ରାଜ୍ୟ ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହିତ ଶ୍ରମିକ ମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଛନ୍ତି । ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ନିର୍ମାଣ ଶ୍ରମିକ ପିଲାମାନଙ୍କର ଛାତ୍ରବୃତି ଦରଖାସ୍ତ, ଝିଅ ବାହାଘର ଅନୁଦାନ, ମୃତ୍ୟୁକାଳୀନ ସହାୟତା, ଶ୍ରମିକମାନଙ୍କୁ ସାଇକେଲ ପ୍ରଦାନ, ଯନ୍ତ୍ରପାତି ସହାୟତା ପ୍ରଦାନ ଆଦି ଗୁଡିକ ବର୍ଷବର୍ଷ ଧରି ଶ୍ରମ କାର୍ଯ୍ୟାଳୟରେ ପଡି ରହିଥିଲେ ମଧ୍ୟ ଏହାର କୌଣସି ବିଚାର କରାଯାଉ ନାହିଁ । ମହିଳା ନିର୍ମାଣ ଶ୍ରମିକ ମାନଙ୍କର ଦରଖାସ୍ତ ଗୁଡିକୁ ପଞ୍ଜିକରଣ କରାଯାଇ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା, ରାଜ୍ୟରେ ପ୍ରାୟ ୫୦ ପ୍ରତିଶତ ନିର୍ମାଣ ଶ୍ରମିକମାନଙ୍କର ମୋବାଇଲ ଫୋନ ନଥିବାରୁ ସମସ୍ତ ଅନଲାଇନ ଦରଖାସ୍ତରେ ଓଟିପି ବ୍ୟବସ୍ଥା ଉଚ୍ଛେଦ କରିବା ପାଇଁ ଦାବି କରାଯାଇଛି । ଏଥି ସହିତ ପୂର୍ବଭଳି ଅଫଲାଇନ ଏବଂ ଅନଲାଇନରେ ବ୍ୟବସ୍ଥା ପ୍ରଚଳିତ କରିବାକୁ ଦାବି କରାଯାଇଛି । ଏହି ୮ ଦଫା ଦାବି ସଂପର୍କରେ ତୁରନ୍ତ ବିଚାର କରାଯାଇ ଶ୍ରମିକ ମାନଙ୍କ ସମସ୍ୟା ଦୂର କରିବା ପାଇଁ ମହାମହିମ ରାଜ୍ୟପାଳ ଶ୍ରୀ ଗଣେଶି ଲାଲଙ୍କୁ ରାଜ୍ୟ ସଂପାଦକ କାମିନି ମିଶ୍ର, ମନୋଜ କୁମାର ପରିଡା, ନିତ୍ୟାନନ୍ଦ ସାମଲ, ପ୍ରଦିପ୍ତ କୁମାର ସାମଲ ପ୍ରମୁଖ ଆଲୋଚନା କରି ସମସ୍ୟାକୁ ସମାଧାନ କରିବା ପାଇଁ ନିବେଦନ କରିଛନ୍ତି ।

ରକ୍ତ ହୀନତା ଦୂର କରିବା ନେଇ ଅମ୍ଳାନ ଅଭିଯାନର ଶୁଭାରମ୍ଭ

ଗଞ୍ଜାମ, (ପି.ଏନ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡିଶାଙ୍କ ଦ୍ୱାରା ରକ୍ତହୀନତା ଦୂର କରିବା ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଆନିମିଆ ମୁକ୍ତ କରିବା ଲକ୍ଷ୍ୟ ନେଇ ଅମ୍ଳାନ ଅଭିଯାନ ବୁଧବାର ଆରମ୍ଭ କରାଯାଇଛି । ଆଜି ଅନୁଷ୍ଠିତ ଓସ୍ୱାନ ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅମ୍ଳାନ ଅଭିଯାନର ଶୁଭାରମ୍ଭ କରି ଜଣାଇଥିଲେ ଯେ, ପ୍ରତ୍ୟେକ ଲୋକଙ୍କ ଜୀବନ ମୂଲ୍ୟବାନ । ଓଡିଶାର ସମସ୍ତଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରଖିବା କ୍ଷେତ୍ରରେ ଅନେକ ଗୁଡିଏ ଜନହିତକର କାର୍ଯ୍ୟ କରାଯାଉଅଛି । ଓଡିଶାର ୧.୩୭ କୋଟି ଲୋକ ଏବଂ ଗର୍ଭବତୀ ମହିଳାଙ୍କ ରକ୍ତ ହୀନତା ଦୂର କରିବା ଲକ୍ଷ୍ୟ ନେଇ ପରୀକ୍ଷା, ଚିକିତ୍ସା ଏବଂ ସେମାନଙ୍କୁ ଏ ଦିଗରେ ସଚେତନତା କରିବାର ଆବଶ୍ୟକତା ରହିଛି । ଏଥି ନିମନ୍ତେ ସେବା ଯୋଗାଉଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଶିକ୍ଷଣ ଦେଇ ଓଡିଶାର ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ର ପିଲାମାନଙ୍କର ପରୀକ୍ଷା, ଚିକିତ୍ସା ଓ ସଚେତନତା କରାଯିବାର ଆବଶ୍ୟକତା ରହିଛି । ଏହି ଅଭିଯାନର ସଫଳତା ସକାଶେ ସେ ସମସ୍ତେ ମିଳିତ ଉଦ୍ୟମ କରିବାକୁ ଜଣାଇଥିଲେ ।ଫାଇଭ୍-ଟି ସଚିବ ଭି. କାର୍ତିକେୟ ପାଣ୍ଡିଆନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଜଗଦୀଶ ରାଓ ପଟ୍ଟନାୟକ, ଏନ୍.ଆର୍.ଏଚ୍.ଏମ୍. ର ଜିଲ୍ଲା ଯୋଜନା ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶୁଭଶ୍ରୀ ପାତ୍ର, ଜିଲ୍ଲା ଶିକ୍ଷାଧିକାରୀ ଜିନୀତା ସେନାପତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ବିଭାଗର ଡିଏମଆରସିଏଚ୍ ଶକ୍ତି କୁମାର ଦିଗାଲ ପ୍ରମୁଖ ଅଧିକାରୀଗଣ ଉପସ୍ଥିତ ଥିଲେ । ରକ୍ତହୀନତା ଦୂର କରିବା ନେଇ ଜିଲ୍ଲାର ୬ ମାସରୁ ଆରମ୍ଭ କରି ୧୯ ବର୍ଷ ପିଲା ମାନଙ୍କୁ ଏବଂ ଗର୍ଭବତୀ ମହିଳା ମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଔଷଧ ସେବନ କରାଯିବ । ମହିଳା ଏବଂ ଶିଶୁ ବିକାଶ ବିଭାଗ, ମିଶନ୍ ଶକ୍ତି ବିଭାଗ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ମିଳିତ ସହଯୋଗ କ୍ରମେ ଏହି ଯୋଜନାଟିକୁ ସଫଳ କରିବା ଦିଗରେ ସହଯୋଗ ରହିବ ।

କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ, ୪୯୫ ଜଣଙ୍କୁ କର୍ମନିଯୁକ୍ତି

ପୁରୀ, (ପି.ଏନ): ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷୁଦ୍ର ନିଯୁକ୍ତି ମେଳା ଆଜି ପୁରୀ ସରକାରୀ ଆଇଟିଆଇ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମା ନିଯୁକ୍ତି ମେଳା ପରିଦର୍ଶନ କରିବା ସହ ବିଭିନ୍ନ ନିଯୁକ୍ତିଦାତା କମ୍ପାନୀଙ୍କ ସହ ଆଲୋଚନା କରିଥିଲେ । ବିଭିନ୍ନ କମ୍ପାନୀର କାର୍ଯ୍ୟ ଓ ନିଯୁକ୍ତି ବ୍ୟବସ୍ଥା ସହ ଆଶାୟୀ ପ୍ରାର୍ଥୀ ମାନଙ୍କ କାର୍ଯ୍ୟଧାରା ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ମଧ୍ୟ ନିଯୁକ୍ତି ମେଳା ପରିଦର୍ଶନ କରିଥିଲେ । ପରେ ଜିଲ୍ଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ନିଯୁକ୍ତି ମେଳା ଆୟୋଜନର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ସଂଯୋଜକ ଜୟ ଶଙ୍କର ଯୋଶୀ, ଡି ଏସ ଏମ ଏସ ର ଅତିରିକ୍ତ ସିଇଓ ପ୍ରଶାନ୍ତ କୁମାର ଦାସ, ପୁରୀ ସରକାରୀ ଆଇଟିଆଇର ଅଧ୍ୟକ୍ଷ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇଏହି ନିଯୁକ୍ତି ମେଳା ବେରୋଜଗାର ପିଲା ମାନଙ୍କ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି କହିଥିଲେ ।ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୨୨ ଟି ବେସରକାରୀ ସଂସ୍ଥାର ନିଯୁକ୍ତି ଦାତା ମାନେ ଯୋଗଦାନ କରି ୪୯୫ ପ୍ରାର୍ଥୀଙ୍କୁ ଚୟନ କରିଥିଲେ । ଏତଦ ବ୍ୟତୀତ ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାନେ ମଧ୍ୟ ୧୭୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ନିଯୁକ୍ତି ଦେବା ପାଇଁ ମନୋନୀତ କରିଥିଲେ । ଏହି ବୈଠକରେ କନିଷ୍ଠ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି ବୈଠକ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ । ଜିଲ୍ଲା ନିୟୋଜନ ବିଭାଗର କର୍ମଚାରୀ ମାନେ ଯୋଗଦେଇ କାର୍ଯ୍ୟ ପରିଚାଳନା କରିଥିଲେ । ଆସନ୍ତାକାଲି ୨୪ ତାରିଖରେ ପିପିଲି ମହାବିଦ୍ୟାଳୟ ପରିସରରେ ପୂର୍ବାହ୍ନ ୧୦ ଟାରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀ ଜଣାଇଛନ୍ତି ।

ସ୍ୱାଭିମାନ ଅଞ୍ଚଳର ଯୁବବର୍ଗଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ଆରମ୍ଭ

ମାଲକାନଗିରି , (ପି.ଏନ):ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବିଏସଏଫ ତରଫରୁ ସ୍ୱାଭିମାନ ଅଂଚଳରେ ଏକ ଅଭିନବ ପ୍ରୟାସ କରାଯାଇଛି । ଏହି ଅଂଚଳର ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷାର ବ୍ୟବସ୍ଥା ଆରମ୍ଭ କରାଯାଇଛି । ଆଜି ଯନ୍ତାପାଇ ଠାରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା କମ୍ପ୍ୟୁଟିର ଶିକ୍ଷା ବ୍ୟବସ୍ଥାର ଏକ କେନ୍ଦ୍ରକୁ ଜିଲ୍ଲାପାଳ ବିଶାଲ ସିଂ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଏସଏଫର କମାଣ୍ଡାଣ୍ଟ ଓମ ଶିବ, ସେକେଣ୍ଡ ଇନ କମାଣ୍ଡାଣ୍ଟ ସଂଜୟ ଦାସ, ବିଡିଓ ରଘୁନାଥ ମୁଣ୍ଡାରୀ, ତହସିଲଦାର ଟି.ପଦ୍ମନାଭ ଦୋରା ସମେତ ବିଏସଏଫର ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।ଦୁର୍ଗମ ଅଂଚଳରେ ବିଏସଏଫ ନକ୍ସଲ ଦମନ ପାଇଁ କାମ କରୁଥିବା ସହ ସେହି ଅଂଚଳର ଯୁବ ବର୍ଗଙ୍କ ପାଇଁ ନିଯୁକ୍ତି, ଶିକ୍ଷା ଏବଂ ଖେଳ ପ୍ରତି କିପରି ମନ ବଳାଇବେ ଚେଷ୍ଟା ଜାରି ରଖିଛି । ଏଥିସହ ଏହି ଅଂଚଳର ଯୁବକ ଯୁବତୀମାନେ କିପରି ଅନ୍ୟ ସ୍ଥାନକୁ ଭ୍ରମଣ କରି ବହୁ ଜିନିଷ ଶିକ୍ଷା ଲାଭ କରିବେ ସେନେଇ ମଧ୍ୟ ପ୍ରୟାସ କରାଯାଉଛି । ତେବେ ଦୁର୍ଗମ ଅଂଚଳର ପିଲାମାନେ ଯେପରି କମ୍ପୁଟର ଶିକ୍ଷାରୁ ବଂଚିତ ନହେବେ ସେଥିପାଇଁ ଏହି ପ୍ରୟାସ କରାଯାଇଥିବା କୁହାଯାଇଛି । ଭବିଷ୍ୟତରେ କୌଣସି କାର୍ଯ୍ୟ କରିବାକୁ ହେଲେ କମ୍ପ୍ୟୁଟରର ଆବଶ୍ୟକ ପଡୁଛି । ଏଥିସହ ବଭିନ୍ନ କାର୍ଯ୍ୟ ଏହି ଅଂଚଳର ଲୋକଙ୍କୁ ସହରକୁ ଯାଇ କମ୍ପ୍ୟୁଟରରେ କାମ କରିବାକୁ ପଡୁଛି । ତେଣୁ ଏଠାରେ ସସବୁ କାର୍ଯ୍ୟ ବିଜ୍ଞ କମ୍ପ୍ୟୁଟର ତାଲିମଦାତାମାନେ ରହିଛନ୍ତି । ସେମାନେ ନିୟମିତ ଏହି ଅଂଚଳର ପିଲାଙ୍କୁ ଶିକ୍ଷା ଦେବେ ।ସ୍ୱାଭିମାନ ଅଂଚଳର ବହୁ ଗ୍ରାମରେ ରହିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ସମେତ ସ୍ଥାନୀୟ ଯୁବକ ଯୁବତୀ ଉପସ୍ଥିତ ରହି ଶିକ୍ଷା ଗ୍ରହଣ କରିଥିଲେ । ମାଲକାନଗିରି ଜିଲ୍ଲାର ଅନ୍ୟ ଦୁର୍ଗମ ଅଂଚଳରେ ମଧ୍ୟ ଏଭଳି କମ୍ପ୍ୟୁଟର ଶିକ୍ଷାର ପ୍ରଚାର ପ୍ରସାର କରାଯିବ ବୋଲି ମଧ୍ୟ କୁହାଯାଇଛି । ପାଇଲଟ ପ୍ରୋଜେକ୍ଟ ଭାବେ ଏହି ଶିକ୍ଷାକୁ ସମସ୍ତ ଦୁର୍ଗମ ଅଂଚଳର ପିଲା ଯେପରି ଶିକ୍ଷା ଗ୍ରହଣ କରି ନିଜ ଜୀବନରେ ଏହାକୁ ପ୍ରୟୋଗ କରିପାରିବେ ସେନେଇ ଚିନ୍ତା କରାଯାଇଛି । ବିଏସଏଫ କେବଳ ମାଲକାନଗିରିରେ ମାଓ ଦମନ ନେଇ କାମ କରୁନାହିଁ ବରଂ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛି, ଯାହାକୁ ଲୋକେ ଧୀରେ ଧୀରେ ବୁଝିପାରିଛନ୍ତି । ପ୍ରଶାସନ ଏବଂ ବିଏସଏଫର ଏହି ମହାନ କାର୍ଯ୍ୟକୁ ସ୍ୱାଭିମାନ ଅ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Thursday November 24, 2022 ଭୁବନେଶ୍ୱର ଗୁରୁବାର, ନଭେମ୍ବର ୨୪,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ଏନ୍.ଆର୍.ଏଲ୍. କମ୍ପାନୀ କାମ ବନ୍ଦ କଲେ ଷଣ୍ଢକୁଦବାସୀ

ପାରାଦୀପ,(ପି.ଏନ): ପାରାଦୀପ ନିକଟସ୍ଥ ଷଣ୍ଢକୁଦଠାରେ ନିର୍ମାଣାଧିନ ନୁମାଲିଗଡ ରିଫାଇନାରୀ ଲିମିଟେଡ୍ (ଏନ୍.ଆର୍.ଏଲ୍)କୁ ବିରୋଧ କରିଛନ୍ତି ସ୍ଥାନୀୟ ଷଣ୍ଢକୁଦ ବସ୍ତିବାସିନ୍ଦା । ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦାବୀପତ୍ର ଦେବା ପରେ ବୁଧବାର ଦିନ ଧାରଣାରେ ବସିଥିଲେ ବସ୍ତିବାସିନ୍ଦା । ସୋମବାର ଦିନ ବସ୍ତିବାସିନ୍ଦା ସ୍ଥାନୀୟ ପାରିଷଦମାନଙ୍କ ସହିତ ମିଶି ସେମାନଙ୍କ ମୌଳିକ ସମସ୍ୟା ପ୍ରତି ଭୃକ୍ଷେପ ନକରି କମ୍ପାନୀ ତାର ନିର୍ମାଣ କାର୍ଯ୍ୟ ଜାରୀ ରଖିଥିବା ବେଳେ ଏହାକୁ ବିରୋଧ କରିଥିଲେ ବସ୍ତିବାସିନ୍ଦା । ବସ୍ତି ବାସିନ୍ଦାଙ୍କ ଅଭିଯୋଗ ହେଲା ଏନ୍.ଆର୍.ଏଲ୍ କମ୍ପାନୀ ନିର୍ମାଣ ହେଉଥିବା ସ୍ଥାନ ହେଉଛି ଷଣ୍ଢକୁଦ ବସ୍ତିର ଜଳ ନିଷ୍କାସନର ବାଟ । କମ୍ପାନୀ ସେହି ସ୍ଥାନରେ ପ୍ରକଳ୍ପ ନିର୍ମାଣ କଲେ ଆଗାମୀ ବର୍ଷା ଦିନରେ ଷଣ୍ଢକୁଦ ବସ୍ତିରେ ଲୋକଙ୍କ ଘରେ ପାଣି ପଶିଯିବ । ତେଣୁ କମ୍ପାନୀ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ପ୍ରଥମେ ଡ୍ରେନ୍ ନିର୍ମାନ କରୁ । ଏହି ଦାବୀ ପୂର୍ବରୁ ଦିଆଯାଇଥିଲେ ବି ଆଜି ଯାଏ ସେ ଦିଗରେ କମ୍ପାନୀ କିଛି ନକରି ବସ୍ତିବାସିନ୍ଦାଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ନଦେଇ କାହିଁକି କାମ କରୁଛି ବୋଲି ଧାରଣାସ୍ଥଳରେ ପ୍ରଶ୍ନ କରିଥିଲେ ସ୍ଥାନୀୟ ପାରିଷଦ ନବ କୁମାର ବେହେରା । ଏଥି ସହିତ ସ୍ଥାନୀୟ ଯୁବକଯୁବତୀଙ୍କୁ ଅଗ୍ରାଧିକାରଭିତିରେ ନିଯୁକ୍ତି ଦେବା ସହ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଷଣ୍ଢକୁଦ ଗ୍ରାମ୍ୟ ସୁରକ୍ଷା କମିଟି ପକ୍ଷରୁ ଦାବୀପତ୍ର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା । ଏହି ଅବହେଳା ପରେ ଗ୍ରାମ୍ୟ କମିଟି ପକ୍ଷରୁ ସୋମବାର ଦିନ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବୀପତ୍ର ଦେବା ପରେ ବୁଧବାର ଦିନ

ସକାଳେ ଗ୍ରାମବାସୀମାନେ କମ୍ପାନୀର ଦୁଇ ଗୋଟି ଫାଟକ ଆଗରେ ଧାରଣା ଦେଇଥିଲେ । ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ ପହଂଚି ଆଲୋଚନା କରିଥିଲେ । ଆସ‘ । ୫ ତାରିଖ ଦିନ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ବୋଲି ପାରିଷଦ କାମ୍ବଲା ଜଗନ୍ନାଥ ରାଓ ଓ ନବ କୁମାର ବେହେରା କହିଛନ୍ତି ।

ନବକୃଷ୍ଣ ଚୌଧୁରୀ ଥିଲେ ଓଡ଼ିଶାର ଋଷିପ୍ରତିମ ରାଜନେତା

ଭୁବନେଶ୍ୱର ,(ପି.ଏନ): ବିଶିଷ୍ଟ ସର୍ବୋଦୟ ନେତା,ମୌଳିକ ଶିକ୍ଷାର ପ୍ରବର୍ତ୍ତକ,ନିଶା ନିବାରଣ ଆନ୍ଦୋଳନର କର୍ଣ୍ଣଧାର, ଓଡ଼ିଆ ଭାଷା ସୁରକ୍ଷା ଓ ଚାଷୀମାନଙ୍କ ଅଧିକାର ପାଇଁ ଲଢେଇ କରୁଥିବା ନୀତିନିଷ୍ଠ ରାଜନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୧ତମ ଜୟନ୍ତୀ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭାଗର ଅନୁଶାସନ ସର୍ଚ୍ଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଓଡିଶା ବିଧାନସଭା ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜି ପ୍ରତ୍ୟୁଷରେ ଏହି ବିଶିଷ୍ଟ ଜନନେତାଙ୍କ ଠାରେ ମାଲ୍ୟାର୍ପଣ ସହ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏଥିରେ ଯୋଗଦେଇ ବକ୍ତାମାନେ ନବକୃଷ୍ଣ ଚୌଧୁରୀ ଏକ ପ୍ରତିଷ୍ଠିତ ଜମିଦାର ପରିବାରରେ ଜନ୍ମନେଇ ସ୍ୱାଧୀନତା ସଂଗ୍ରାମରେ ସପରିବାର ସାମିଲ ହୋଇ ବହୁବାର କାରବରଣ କରିଥିଲେ ବୋଲି କହିଥିଲେ । ତାଙ୍କ ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ,ବଡ଼ ଭାଉଜ ମା ରମାଦେବୀ,ପତ୍ନୀ ମାଳତୀ ଚୌଧୁରୀ ଓ ଝିଆରୀ ଅନ୍ନପୂର୍ଣ୍ଣା ମହାରଣା ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ କାରାବରଣ କରିଥିଲେ । ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନ ସହ ସମସ୍ତ ଓଡ଼ିଆ ଭାଷା ଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ସେ ଆଜୀବନ ସଂଘର୍ଷ କରିଥିଲେ ।

ମିଡିଆ ମହାକୁମ୍ଭର ଷଷ୍ଠ ସଂସ୍କରଣ ଉଦ୍‌ଯାପିତ: ଗଣମାଧ୍ୟମ ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କେଲେ ସାଂସଦ

ଭୁବନେଶ୍ୱର,(ପି.ଏନ): ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ବୁଧବାର ଗଣମାଧ୍ୟମକୁ ଗଭୀର ସମାଲୋଚନା କରିବା ସହିତ କହିଛନ୍ତି ଯେ ସାମାଜିକ ନ୍ୟାୟ ବିତରଣ ସହ ଜଡିତ ଏଜେଣ୍ଡା ତଥା କାହାଣୀ ଭିତିକ ଗଣମାଧ୍ୟମ ବିତର୍କ ଗଣତନ୍ତ୍ର ଉପରେ ପ୍ରଭାବ ପକାଉଛି । ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଦ୍ୱାରା ଆୟୋଜିତ ଜାତୀୟ ଗଣମାଧ୍ୟମ ମହାକୁମ୍ଭର ଷଷ୍ଠ ସଂସ୍କରଣର ଉଦ୍‌ଯାପନ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡକ୍ଟର ପାତ୍ର ସାଂବାଦିକର ବର୍ତମାନ ଦୃଶ୍ୟକୁ ନେଇ ବେଶ୍ ଉଦ୍‌ବେଗ ପ୍ରକାଶ କରିଥିଲେ । ଯେହେତୁ ଆଜିର ଦୁନିଆରେ ଅତ୍ୟାଧୁନିକ ଟେକ୍ନୋଲୋଜି ଗଣମାଧ୍ୟମର ମୁଖ୍ୟ ସ୍ରୋତକୁ ବ୍ୟାହତ କରିବାରେ ଲାଗିଛି, ନୂତନ ବାସ୍ତବତା ଗଣମାଧ୍ୟମ ଶିଳ୍ପ ଉପରେ ପ୍ରଭାବ ପକାଉଛି, ନୂତନ କୌଶଳର ଆବଶ୍ୟକତା ସୃଷ୍ଟି କରୁଛି ଏବଂ ସାମ୍ବାଦିକତା ଶିକ୍ଷା ଏବଂ ତାଲିମକୁ ବୃହତ ତଥା ଅପ୍ରତ୍ୟାଶିତ କାର୍ଯ୍ୟ ସହିତ ନ୍ୟସ୍ତ କରୁଛି । ଡିଜିଟାଲ ଯୁଗରେ ସମ୍ବାଦ କକ୍ଷ ସହିତ ଶ୍ରେଣୀଗୃହକୁ ସଂଯୋଗ କରିବା ଛାତ୍ରମାନଙ୍କ ପାଇଁ କିଛି ସମୟର କଥା । ନ୍ୟୁଜ୍ ଚାଳିତ ଗଣମାଧ୍ୟମ ବଦଳରେ ବର୍ତମାନର ଫର୍ମାଟ ଏକ ଚାହିଦା ଚାଳିତ ଗଣମାଧ୍ୟମ ବୋଲି ସେ କହିଛନ୍ତି । ସେହିଭଳି ସେ କହିଲେ ‘ମୁଁ ସର୍ବଦା ଅନୁଭବ କରିଛି ଯେ ଏକାଡେମୀ ଦୃଷ୍ଟିକୋଣ ଏବଂ ବାସ୍ତବ ଦୁନିଆରେ ଯାହା ଘଟେ ତାହା ମଧ୍ୟରେ ଏକ ପ୍ରତିଯୋଗିତା ଲାଗିଛି । ତୁମେ ଯାହା ଶିକ୍ଷା ଦିଅ, ଅନୁସନ୍ଧାନ କର, ଆଶାକର, ବାସ୍ତବ କ୍ଷେତ୍ରରେ ତାହା ଭିନ୍ନ ହୋଇଥାଏ । ଶିକ୍ଷା ଆମକୁ ଧାରଣା ସହିତ ସଶକ୍ତ କରୁଥିବାବେଳେ ବାସ୍ତବତା ଲୁଟିବାକୁ ଚେଷ୍ଟା କରେ । ତେଣୁ ଶିକ୍ଷକ ମାନେ ଗଣମାଧ୍ୟମର ଉଭୟ ଦୃଷ୍ଟିକୋଣ ପ୍ରତି ଧ୍ୟାନ ଦେଇ ଶିକ୍ଷାଦାନ କରିବା ଆବଶ୍ୟକ‘ । ସେ କହିଛନ୍ତି ଯେ ନୂତନ ଜ୍ଞାନକୌଶଳ ଟି‘ । କରିବା, ସେଥିରେ ଜଡିତ ହେବା ଏବଂ ତାହାର ବିସ୍ତାର କରିବା ହେଉଛି ଶିକ୍ଷାଗତ ସ୍ୱାଧୀନତା । ‘ଶିକ୍ଷାବିତ୍ କେବଳ ଶିକ୍ଷକ ନୁହଁନ୍ତି, ଛାତ୍ରଛାତ୍ରୀମାନଙ୍କୁ ବିଷୟବସ୍ତୁ ସହିତ ବିଶ୍ୱ ଉପରେ ଶିକ୍ଷାଦେବା ସେମାନଙ୍କର ନୈତିକ କର୍ତବ୍ୟ ଏବଂ ଦାୟିତ୍ୱ ମଧ୍ୟ‘ । ଏହାଦ୍ୱାରା ଛାତ୍ରଛାତ୍ରୀ ମାନେ ଉପକୃତ ହୋଇପାରିବେ ବୋଲି ସେ ପରାମର୍ଶ ଦେଇଛନ୍ତି । ଅନ୍ୟତମ ଅତିଥି କର୍ଣ୍ଣାଟକ ମଣିପାଲ ଉଚ୍ଚଶିକ୍ଷା ବିଭାଗର ପ୍ରଫେସର ବି ପି ସୟ, ସାମାଜିକ ମୂଲ୍ୟବୋଧକୁ ବଂଚାଇ ରଖୁଥିବା ଅର୍ଥପୂର୍ଣ୍ଣ ବିଷୟବସ୍ତୁ ଯୋଗାଇବାରେ ଗଣମାଧ୍ୟମର ଭୂମିକାକୁ ଆହୁରି ସକ୍ରିୟ କରିବାକୁ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହୀଶୂର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଧାପକ ପ୍ରଫେସର ଏନ୍. ଉଷାରାଣୀ , ତାମିଲନାଡୁ ସେଣ୍ଟ୍ରାଲ ୟୁନିଭରସିଟିର ମୁଖ୍ୟ ପ୍ରଫେସର ଗୋପାଳନ ରବିନ୍ଦ୍ରନ, କନ୍‌କ୍ଲେଭ୍ ଚେୟାରମ୍ୟାନ୍ ତଥା ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ, ପଣ୍ଡିତ୍ ଦିନ୍ ଦୟାଲ ଏନର୍ଜି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଅମ୍ରିତା ଚକ୍ରବର୍ତୀ ମଧ୍ୟ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଦେଶର ଶ୍ରେଷ୍ଠ ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ ଇନିଷ୍ଟିଚ୍ୟୁଟ୍ ଭାବରେ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟ ଏନ୍.ଏମ୍.ସି. ପୁରସ୍କାର -୨୦୨୨ ପାଇଛି । ୟୁନିଭର୍ସିଟି ଅଫ୍ ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜର ନିର୍ଦ୍ଦେଶକ ଡକ୍ଟର ତ୍ରିଶୁ ଶର୍ମା ଏହି ପୁରସ୍କାର ଡକ୍ଟର ସସ୍ମିତ ପାତ୍ରଙ୍କ ଠାରୁ ଗ୍ରହଣ କରିଥିଲେ । ଏହାପୂର୍ବରୁ ମହୀଶୂର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଧାପକ ପ୍ରଫେସର ଏନ୍. ଉଷାରାଣୀ, ସାମ୍ବାଦିକ ତଥା ମୋକନାୟକର ପ୍ରତିଷ୍ଠାତା ମୀନା କୋଟ୍‌ୱାଲ, କବି ତଥା ସାମ୍ବାଦିକ କେଦାର ମିଶ୍ର ଏବଂ ବ୍ରେକଥ୍ରୋ ଇଣ୍ଡିଆର ସିନିୟର ମ୍ୟାନେଜର (ଜନସମ୍ପର୍କ ଏବଂ ମିଡିଆ ଆଡଭୋକେସୀ) ଦୀପାଲି ଦେଶାଇ ପଂଚମ ସର୍ବଦଳୀୟ ଅଧିବେଶନରେ ନୈତିକତା ଏବଂ ମୂଲ୍ୟବୋଧ: ସମାଜ, ସଂସ୍କୃତି ଏବଂ ମିଡିଆ ବିଷୟ ଉପରେ ଆଲୋଚନା କରିଥିଲେ । ଗତ ଦୁଇ ଦିନରେ ଚାରୋଟି ସାଧାରଣ ଅଧିବେଶନ ଏବଂ ୫ଟି ସମାନ୍ତରାଳ ଅଧିବେଶନ ଆୟୋଜିତ ହୋଇଥିଲା । ଏହି ସମାନ୍ତରାଳ ଅଧିବେଶନରେ ୬୦ଟି ସନ୍ଦର୍ଭ ପାଠ କରାଯାଇଥିଲା । ଶେଷରେ କନକ୍ଲେଭ କନଭେନର ମାନୋରଂଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ପୂର୍ବତଟ ରେଳପଥର ମହା ପ୍ରବନ୍ଧକଙ୍କ ଦ୍ୱାରା ଭୁବନେଶ୍ୱର ରେଲ ଷ୍ଟେସନ୍‌ର ନିରୀକ୍ଷଣ ଏବଂ ଭୁବନେଶ୍ୱର ଏବଂ ତାଳଚେର ମଧ୍ୟରେ ଓ୍ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ

ଭୁବନେଶ୍ୱର,(ପି.ଏନ): ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାକୁ ବିଶେଷ ଧ୍ୟାନ ଦେଉଛନ୍ତି ଏବଂ ଓଡିଶାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତାଙ୍କ ନିରନ୍ତର ତଦାରଖ ଏବଂ ପ୍ରାଥମିକତା ଅଧୀନରେ ରହିଛି । ମାନ୍ୟବର ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀ ସୁନକର ଆଜି ଭୁବନେଶ୍ୱର ରେଳ ଷ୍ଟେସନର ବିସ୍ତୃତ ଚଳପ୍ରଚଳ ସ୍ଥାନ, ଟିକେଟ ସଂରକ୍ଷଣ କେନ୍ଦ୍ର, ଷ୍ଟେସନ ଏବଂ ପ୍ଲାଟଫର୍ମରେ ଉପଲବ୍ଧ ବିଭିନ୍ନ ଯାତ୍ରୀ ସୁବିଧା ଗୁଡିକର ଯାଞ୍ଚ କରିଛନ୍ତି । ମହା ପ୍ରବନ୍ଧକ ପ୍ରସ୍ତାବିତ ନୂତନ ଷ୍ଟେସନ୍ ବିଲ୍ଡିଂର ଡିଜାଇନର ସମୀକ୍ଷା କରିବା ସହ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ବିଷୟରେ ପଚାରି ବୁଝିଥିଲେ ।ସେ ମଧ୍ୟ ଭୁବନେଶ୍ୱରରୁ ତାଳଚେରକୁ (ଭାୟା ଅନଗୁଳ) ଦେଇ ଓ୍ୱିଣ୍ଡୋ

ଟ୍ରେଲିଂ ନିରୀକ୍ଷଣ କରିବା ସହ ତାଳଚେର ଅଞ୍ଚଳରେ ଥିବା ବିଭିନ୍ନ ସାଇଡିଙ୍ଗର ମଧ୍ୟ ନିରୀକ୍ଷଣ କରିଥିଲେ । ଯାଞ୍ଚ ସମୟରେ ସେ ବିଭିନ୍ନ ଜନ ସଂଗଠନ ଦ୍ୱାରା ଦିଆଯାଇଥିବା ସ୍ମାରକପତ୍ର ଗ୍ରହଣ କରିଥିଲେ ଏବଂ ଅଭିଯୋଗଗୁଡିକର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନା ଦେଇଥିଲେ ।ଭୁବନେଶ୍ୱର ରେଳ ଷ୍ଟେସନ ନିରୀକ୍ଷଣ ସମୟରେ ଶ୍ରୀ ସୁନକର ଯାତ୍ରୀ ମାନଙ୍କୁ ଦିଆଯାଉଥିବା ମୌଳିକ ସୁବିଧା ତଥା ଆବଶ୍ୟକତା ଗୁଡିକ ଯେପରି ଯାତ୍ରୀମାନଙ୍କୁ ସହାୟକ ହୋଇପାରିବ ସେଥିପ୍ରତି ଧ୍ୟାନଦେବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତିଛ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଆବଶ୍ୟକ କରୁଥିବା ବିସ୍ତୃତ ଚଳପ୍ରଚଳ ସ୍ଥାନ, କନକୋର୍ସ, ପ୍ଲାଟଫର୍ମ, ଆଲୋକିକରଣ, ଯାତ୍ରୀ ପ୍ରତୀକ୍ଷା କକ୍ଷ, ଶୌଚଳାୟ, ଏସ୍କାଲେଟର, ଲିଫ୍ଟ ଇତ୍ୟାଦି ଗୁଡିକର ଉପଲବ୍ଧି ଉପରେ ପ୍ରଥମିକତା ଦେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ ।ଏହି ନିରୀକ୍ଷଣ ସମୟରେ ମହାପ୍ରବନ୍ଧକଙ୍କ ସହିତ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ରିଙ୍କ ?ଶ ରାୟଙ୍କ ସମେତ ମୁଖ୍ୟାଳୟ ଓ ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

କେନ୍ଦ୍ରାପଡା କଂଗ୍ରେସର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ଅନ୍ତର୍ଗତ କେନ୍ଦ୍ରାପଡା ବ୍ଲକ, କେନ୍ଦ୍ରାପଡା ପୌରାଞ୍ଚଳ, ପଟ୍ଟାମୁଣ୍ଡାଇ ବ୍ଲକ ଓ କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀ ଯୋଗଦେଇ ରାଜ୍ୟ ସରକାରଙ୍କ ଉଦାସୀନତା ଓ ନିର୍ବାଚିତ ସାଂସଦ ଏବଂ ବିଧାନସଭା ପ୍ରତିନିଧିମାନେ ‘ମାଟି ପାଇଁ ପାଟି’ ଖୋଲିବାକୁ ସାହସ ଦେଖାଉ ନଥିବା, ସରକାରଙ୍କ ନିକଟରେ କେନ୍ଦ୍ରାପଡାବାସୀଙ୍କ ଯଥାର୍ଥ ଦାବି ଉପସ୍ଥାପନ କରିବାରେ ସଂପୂର୍ଣ୍ଣ ବଫଳ ହୋଇଥିବା, କେନ୍ଦ୍ରାପଡାର ବିକାଶ କେବଳ ଘୋଷଣାରେ ରହିଯାଇଥିବା, ଏକଦା ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା ସମଗ୍ର ଓଡିଶାରେ ନମ୍ବରୱାନ ହେବାର ପ୍ରତିଶ୍ରୁତି ପୁରଣ ନହେବା ପ୍ରଭୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଗତ ୨୦୨୧ ନଭେମ୍ବର ୨ରେ ଅନୁଷ୍ଠିତ ବିକ୍ଷୋଭରେ ‘ମାଟି ପାଇଁ ପାଟି ଖୋଲ’ ଆହ୍ୱାନ ଦିଆଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା । କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ । ପରନ୍ତୁ କେନ୍ଦ୍ରାପଡାବାସୀ ଅବହେଳା ଓ ଅବିଚାରର ଶିକାର ହୋଇ ଚାଲିଛନ୍ତି । କେନ୍ଦ୍ରାପଡା ମାଟି ପ୍ରତି ଥିବା ମମତା ତଥା କର୍ତ୍ତବ୍ୟ ଦୃଷ୍ଟିରୁ କଂଗ୍ରେସ ଦଳ ପୁର୍ନବାର ‘ମାଟି ପାଇଁ ମାଡି ଚାଲ’ ଆନ୍ଦୋଳନକୁ ଓହ୍ଲାଇଛି । ରାଜ୍ୟସରକାର ଇତି ମଧ୍ୟରେ ଗୋଟିଏ ପରେ ଗୋଟିଏ ୮ଟି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠାର ନିଷ୍ପତି ନେଇ ତଦନୁଯାୟୀ କେତେକ କଲେଜରେ ନାମ ଲେଖା ସହ ପାଠ ପଢା ଆରମ୍ଭ ହୋଇଯାଇଥିବା ବେଳେ କେନ୍ଦ୍ରାପଡା ସରକାରଙ୍କ ଦୃଷ୍ଟି

ଆଡୁଆଳରେ ରହିଯାଇଛି । ଅଭିଭକ୍ତ କଟକ ଜିଲ୍ଲାର ୪ ଜିଲ୍ଲା ମଧ୍ୟରୁ କେନ୍ଦ୍ରାପଡା ଏକମାତ୍ର ଶିଳ୍ପ ବିହୀନ ଜିଲ୍ଲା । କଟକ ଓ ଯାଜପୁରରେ ମେଡିକାଲ କଲେଜ ସରକାର ପ୍ରତିଷ୍ଠା କରିସାରିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ପାରାଦ୍ୱୀପ ବନ୍ଦର ଓ ଇଣ୍ଡିଆନ ଅଏଲ କର୍ପୋରେସନ ଭଳି ଦୁଇଟି ବୃହତ କେନ୍ଦ୍ରୀୟ ସଂସ୍ଥା ଉନ୍ନତ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବାର ବ୍ୟବସ୍ଥା କରିଥିବା ସ୍ଥଳେ କେନ୍ଦ୍ରାପଡା ଜିଲ୍ଲା ପଛରେ ପଡିଯାଇଛି । କେନ୍ଦ୍ରାପଡା ଜିଲ୍ଲାର ଜନସଂଖ୍ୟା ୧୫ଲକ୍ଷରୁ ଉର୍ଦ୍ଧ୍ୱ ଓ ତହିଁରେ ଅନୁସୂଚୀତ ଜାତି ଓ ଜନଜାତିଙ୍କ ଅନୁପାତ ଏକ ପଞ୍ଚମାଂଶରୁ ଅଧିକ । ସୂତରାଂ ଜିଲ୍ଲାବାସୀଙ୍କ ଧୈର୍ଯ୍ୟଚ୍ୟୁତି ଘଟିବା ପୂର୍ବରୁ କେନ୍ଦ୍ରାପଡାରେ ଏକ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଅବିଳମ୍ବେ ପ୍ରତିଷ୍ଠା କରାଯିବା, କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବା, କେନ୍ଦ୍ରାପଡାକୁ ଚଳିତ ବର୍ଷ ୨୦୨୨ରେ ଯାତ୍ରୀବାହୀ ରେଳ ଚଳାଚଳ କରିବା, ଓଡିଶାର ସର୍ବପୁରାତନ ୧୫୩ବର୍ଷରେ ପଦାର୍ପଣ କରିଥିବା କେନ୍ଦ୍ରାପଡା ପୌରସଂସ୍ଥାର ମୌଳିକ ସମସ୍ୟା ସମାଧାନ ଓ ଅତ୍ୟାଧୁନିକ କେନ୍ଦ୍ରାପଡା ପୌରସଂସ୍ଥା ନିର୍ମାଣ ଏବଂ ଡ୍ରେନେଜ୍ ଓ ସ୍ୱରେଜ ନିର୍ମାଣ ଯୁଦ୍ଧକାଳୀନ ଭିତିରେ କରାଯିବା ସହ କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ ପଞ୍ଚାୟତର ସିଂହଗାଁ, ବଡରାଉଳିଆ ଓ ସାନରାଉଳିଆ ତିନିଖଣ୍ଡ ଗ୍ରାମ ସଂଯୋଗହୀନ ଭାବେ ପଡିରହିଥିବାରୁ କଣ୍ଟିଆ ନାଳ ଉପରେ ଦୁଇବର୍ଷ ମଧ୍ୟରେ ସେତୁ ନିର୍ମାଣ ଶେଷ କରାଯିବା, କେନ୍ଦ୍ରାପଡା ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବାରୁ ଅନେକ କୃଷିଜାତ ଦ୍ରବ୍ୟ ଯଥା ଆଳୁ, କୋବି ଓ ଟମାଟୋ ଆଦି ପନିପରିବା ସଂରକ୍ଷଣ ଅଭାବରୁ ନଷ୍ଟ ହେଉଥିବାରୁ ଚାଷୀର ସ୍ୱାର୍ଥ ତଥା ଉତ